

Odia Daily

www.theutkalsamachar.com

# ଉତ୍କଳ ସମାଚାର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



✦Vol - 21✦ Issue No:137✦8 September 2025 (Monday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୧୩୭✦୮ ସେପ୍ଟେମ୍ବର ୨୦୨୫ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ରୁଷିଆ ଟାର୍ଗେଟରେ ଜେଲେନସ୍କିଙ୍କ ମନ୍ତ୍ରୀ:

## ଆବାସିକ ଅଂଚଳରେ ଡ୍ରୋନ୍-କ୍ଷେପଣାସ୍ତ୍ର ଆକ୍ରମଣ କଲେ ପୁଟିନ୍



କିଭ୍/ମସ୍କୋ,୭/୯ :ରୁଷିଆ ୟୁକ୍ରେନର ରାଜଧାନୀ କିଭ୍‌ରେ ଥିବା ମନ୍ତ୍ରୀ ପରିଷଦ କୋଠାରେ ରବିବାର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହା ପରେ ମନ୍ତ୍ରୀ ପରିଷଦ କୋଠାର ଛାତରୁ ଧୂଆଁ ଉଠିବା ଦେଖାଯାଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀମାନେ ନିଆଁ ଲିଭାଇବାରେ ବ୍ୟସ୍ତ ଅଛନ୍ତି। ଏହି କୋଠାରେ ମନ୍ତ୍ରୀଙ୍କ ଘର ଏବଂ କାର୍ଯ୍ୟାଳୟ ଉଭୟ ରହିଛି। ରୁଷିଆ ଆକ୍ରମଣରେ ଜଣେ ଶିଶୁ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଆକ୍ରମଣରେ ୧୮ ଜଣ ଆହତ ହୋଇଛନ୍ତି। କିଭ୍‌ରେ ରୁଷିଆ ବହୁ ସଂଖ୍ୟକ କ୍ଷେପଣାସ୍ତ୍ର ମାଡ଼ କରିଛି। ରାଜଧାନୀରେ ଥିବା ସରକାରୀ ମୁଖ୍ୟାଳୟ ସମେତ ଅନେକ ଆବାସିକ କୋଠାରେ ନିଆଁ ଲାଗିଛି। କିଭ୍‌ର ମେୟର ଭିଟାଲି କ୍ଲିଟ୍ସକୋ କହିଛନ୍ତି ଯେ, ସହର ଉପରେ ଡ୍ରୋନ୍ ଆକ୍ରମଣ ସହିତ ଟାର୍ଗେଟ ଆକ୍ରମଣ ଆରମ୍ଭ ହୋଇଥିଲା।ତା'ପରେ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଥିଲା। ରୁଷିଆ ଏପର୍ଯ୍ୟନ୍ତ ସରକାରୀ କୋଠାଗୁଡ଼ିକୁ ଟାର୍ଗେଟ କରିବାରୁ ଏଡ଼ାଇ ଆସିଥିଲା। ଏହା ଅନୁମାନ କରାଯାଉଛି, ରୁଷିଆ ଏବେ ୟୁକ୍ରେନ୍ ଉପରେ ବିମାନ ଆକ୍ରମଣ ବୃଦ୍ଧି କରିବାକୁ ଯାଉଛି। ରବିବାର ଦିନ, ଗତ ଦୁଇ ସପ୍ତାହ ମଧ୍ୟରେ କିଭ୍ ଉପରେ ଦ୍ୱିତୀୟ ସବୁଠାରୁ ବଡ଼ ଆକ୍ରମଣ ଘଟିଛି। ଏବେ ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନାର ଆଶା କମିବାରେ ଲାଗିଛି। ଡାର୍ନିଟସ୍କିରେ ଏକ ଆବାସିକ କୋଠାର ଦ୍ୱିତୀୟ ମହଲାରେ ନିଆଁ ଲାଗିଯାଇଥିଲା। କିଭ୍‌ର ପଶ୍ଚିମ ସ୍ୱିଆଟୋସିନ୍ସ୍କି ଜିଲ୍ଲାରେ ଏକ ନଅ ମହଲା ବିଶିଷ୍ଟ କୋଠାରେ ମଧ୍ୟ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁ ନିଆଁ ଲାଗିଯାଇଛି। ମେୟର ଭିଟାଲି ମାଲେଟସ୍କି କହିଛନ୍ତି, ୟୁକ୍ରେନର କ୍ରେମେନଚୁକ୍ ସହରରେ ବହୁ ସଂଖ୍ୟକ ବିସ୍ଫୋରଣ ଘଟିଛି, ଯାହା ଫଳରେ କିଛି ଅଂଚଳକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯାଇଛି। ସାମରିକ ପ୍ରଶାସନ ମୁଖ୍ୟ ଓଲେକଜାଣ୍ଡର ଭିଲକୁଲ୍ କହିଛନ୍ତି, ରୁଷିଆ କ୍ରିଭି ରିହରେ ପରିବହନ ଏବଂ ସହରାଂଚଳ ଭିତିଭୂମିକୁ ଟାର୍ଗେଟ କରିଛି। ଦକ୍ଷିଣ ୟୁକ୍ରେନର ଓଡେସାରେ ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି। ରୁଷିଆ ଏପର୍ଯ୍ୟନ୍ତ ଏହି ଆକ୍ରମଣ ଉପରେ କୌଣସି ମନ୍ତବ୍ୟ ଦେଇନାହିଁ। ଉଭୟ ପକ୍ଷ ଜାଣିଶୁଣି ସାଧାରଣ ନାଗରିକଙ୍କୁ ଟାର୍ଗେଟ କରୁଥିବା କଥାକୁ ଅସ୍ୱୀକାର କରିଛନ୍ତି। ଏହା ସତ୍ତ୍ୱେ, ଯୁଦ୍ଧରେ ହଜାର ହଜାର ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ, ପୋଲାଣ୍ଡ ସଶସ୍ତ୍ର ବାହିନୀ କହିଛି ଯେ, ପଶ୍ଚିମ ୟୁକ୍ରେନ ଉପରେ ବିମାନ ଆକ୍ରମଣର ବିପଦ ରହିଛି, ତେଣୁ ଆମେ ବିମାନ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମର ବିମାନକୁ ସକ୍ରିୟ କରିଛୁ।

# କେନ୍ଦ୍ର କର୍ମଚାରୀଙ୍କୁ ଦୀପାବଳିରେ ମିଳିବ ଉପହାର:

## ୩% ଡିଏ ବୃଦ୍ଧି ଘୋଷଣା କରିବେ ସରକାର



ନୂଆଦିଲ୍ଲୀ,୭/୯:ପାର୍ବଣ ଋତୁରେ କେନ୍ଦ୍ର ସରକାର ନିଜର କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ଏକ ବଡ଼ ଉପହାର ଦେବାକୁ ଯାଉଛନ୍ତି। ଜିଏସଟି ହାର ହ୍ରାସ ପରେ, ଏବେ ସରକାର ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ରିଲିଫ୍ (ଡିଆର) ରେ ୩ ପ୍ରତିଶତ ବୃଦ୍ଧି ଘୋଷଣା କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତି ଦ୍ୱାରା ୧.୨ କୋଟିରୁ ଅଧିକ କର୍ମଚାରୀ ଏବଂ ପେନସନଭୋଗୀ ଉପକୃତ ହେବେ। ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏନେଇ ଘୋଷଣା ଅକ୍ଟୋବର ପ୍ରଥମ ସପ୍ତାହରେ କରାଯାଇପାରେ। ବିଜନେସ୍ ଟୁଡେର ଏକ ରିପୋର୍ଟ ଅନୁଯାୟୀ, ସରକାର ଏହି ଘୋଷଣା ପାଇଁ ସ୍ୱତନ୍ତ୍ର ଭାବରେ ଦୀପାବଳିର ସମୟକୁ ବାଛିଛନ୍ତି ଯାହା ଦ୍ୱାରା କର୍ମଚାରୀ ଏବଂ ପେନସନଭୋଗୀମାନେ ଏହି ଘୋଷଣା ମାଧ୍ୟମରେ ପାର୍ବଣ ଋତୁରେ ଅତିରିକ୍ତ ସୁବିଧା ପାଇପାରିବେ। ଡିଏ ବୃଦ୍ଧି ଘୋଷଣା ପରେ, କର୍ମଚାରୀଙ୍କ ଡିଏ ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇବ। ଏହି ବୃଦ୍ଧି ଜୁଲାଇ ୨୦୨୫ରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି। ଅର୍ଥାତ୍ କର୍ମଚାରୀ ଏବଂ ପେନସନଭୋଗୀମାନଙ୍କୁ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ତିନି ମାସର ବକେୟା ମଧ୍ୟ ମିଳିବ। ଯାହା ଅକ୍ଟୋବର ମାସର ଦରମା ସହିତ ଦିଆଯିବାର ସମ୍ଭାବନା ଅଛି। ଉଲ୍ଲେଖନୀୟ, କେନ୍ଦ୍ର ସରକାର ବର୍ଷକୁ ଦୁଇଥର ଡିଏ ବୃଦ୍ଧି କରିଥାନ୍ତି। ପ୍ରଥମ ସଂଶୋଧନ ହୋଲି ପୂର୍ବରୁ (ଜାନୁଆରୀ-ଜୁନ୍ ପାଇଁ) ଏବଂ ଦ୍ୱିତୀୟ ସଂଶୋଧନ ଦୀପାବଳି ପୂର୍ବରୁ (ଜୁଲାଇ-ଡିସେମ୍ବର ପାଇଁ)। ଗତ ବର୍ଷ ଅକ୍ଟୋବର ୨୦୨୪ରେ, ସରକାର ଦୀପାବଳିର ପ୍ରାୟ ୨ ସପ୍ତାହ ପୂର୍ବରୁ ଡିଏ ବୃଦ୍ଧି କରିବାକୁ ଘୋଷଣା କରିଥିଲେ। ଚଳିତ ବର୍ଷ ଦୀପାବଳି ୨୦-୨୧ ଅକ୍ଟୋବରରେ ଅଛି ଏବଂ ଏହାକୁ ଦୃଷ୍ଟିରେ ରଖି, ଏହାକୁ କର୍ମଚାରୀଙ୍କ ପାଇଁ ଏକ ଉତ୍ସବ ଉପହାର ଭାବରେ ବିବେଚନା କରାଯାଉଛି। ମହଙ୍ଗା ଭତ୍ତାର ଗଣନା ସପ୍ତମ ବେତନ କମିସନ ଅଧୀନରେ ଶିଳ୍ପ ଶ୍ରମିକ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ-ଆଇଡବ୍ଲୁ) ଆଧାରରେ କରାଯାଇଥାଏ। ଏହାର ସୂତ୍ର ୧୨ ମାସର ସିପିଆଇ-ଆଇଡବ୍ଲୁ ହାରାହାରି ଉପରେ ଆଧାରିତ। ଜୁଲାଇ ୨୦୨୪ରୁ ଜୁନ ୨୦୨୫ ପର୍ଯ୍ୟନ୍ତ, ସିପିଆଇ-ଆଇଡବ୍ଲୁ ହାରାହାରି ୧୪୩.୬ ଥିଲା, ଯାହା ଅଧୀନରେ ମହଙ୍ଗା ଭତ୍ତା ୫୮ ପ୍ରତିଶତ ହୋଇଛି। ଅର୍ଥାତ୍, ଏବେ କର୍ମଚାରୀ ଏବଂ ପେନସନଭୋଗୀଙ୍କ ଡିଏ ୩ ପ୍ରତିଶତ ବୃଦ୍ଧି ପାଇ ୫୮ ପ୍ରତିଶତ ହୋଇଯିବ। ଯାହା ଲକ୍ଷ ଲକ୍ଷ ପରିବାର ପାଇଁ ଆର୍ଥିକ ଦୃଷ୍ଟିରୁ ଏବଂ ପର୍ବ ଋତୁରେ ଏକ ଉପହାର ଭାବରେ ଏକ ବଡ଼ ଆଶ୍ୱସ୍ତି ହୋଇପାରେ ବୋଲି କୁହାଯାଉଛି।

## ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ଇସ୍ତଫା



ନୂଆଦିଲ୍ଲୀ,୭/୯ : ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ରବିବାର ଘୋଷଣା କରିଛନ୍ତି। ଶାସକ ଦଳ ଲିବେରାଲ ଡେମୋକ୍ରାଟିକ ପାର୍ଟି(ଏଲଡିପି)ରେ ସମ୍ଭାବ୍ୟ ବିଭାଜନକୁ ଟାଳିବା ଲାଗି ସେ ଏହି ପଦକ୍ଷେପ ନେଇଥିବା କହିଛନ୍ତି। ଶାସକ ମେଟଂ ସରକାରକୁ ଗତ ଜୁଲାଇରେ ହୋଇଥିବା ନିର୍ବାଚନରେ ଉପର ସଦନରେ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଦୀର୍ଘ ଦିନ ଧରି ନେତୃତ୍ୱ ପରିବର୍ତ୍ତନ ପାଇଁ ଦଳ ଭିତରେ ଦାବି ହୋଇଆସୁଥିଲା। ଏହାକୁନେଇ ଦଳରେ ଫାଟ ସୃଷ୍ଟି ହେବାର ଆଶଙ୍କା ରହିଥିଲା। ତେଣୁ ପ୍ରଧାନମନ୍ତ୍ରୀ ଦଳରେ ଏକତା ବଜାୟ ରଖିବା ଲାଗି ବାଧ୍ୟ ହୋଇ ଇସ୍ତଫା ଦେଇଥିବା କହିଛନ୍ତି। ଉପର ସଦରେ ହୋଇଥିବା ନିର୍ବାଚନ ଫଳାଫଳ ପ୍ରଧାନମନ୍ତ୍ରୀଙ୍କ କ୍ଷମତାକୁ ଦୁର୍ବଳ କରିଦେଇଥିଲା। ତେବେ ସେ ଦଳର ମୁଖ୍ୟ ପଦବୀରେ ରହିବେ ବୋଲି କହିଛନ୍ତି।

# ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡିଶା ଛାଡୁଛନ୍ତି : ବିଜେଡି



ଭୁବନେଶ୍ୱର,୭/୯(ନି/ପ୍ର): ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ମାନେ ଓଡିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ପୂର୍ବ ସରକାରଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିବା ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡିଶା ଛାଡୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ୨୦୨୩ ମସିହାରେ ଓଡିଶା ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିବା ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହ ଚୁକ୍ତି କରିବା ପରେ, ଏହି କମ୍ପାନୀ ଓଡିଶା ଛାଡିବା ସ୍ପଷ୍ଟ ହୋଇଛି । ନିକଟରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଦୁଇଟି ନୂଆ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ସୂଚନା ଦେଇଥିଲେ । କିନ୍ତୁ, ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ବେଳକୁ ପୂର୍ବରୁ ଚୁକ୍ତି କରିଥିବା ଗୋଟିଏ ସେମିକଣ୍ଡକ୍ଟର କମ୍ପାନୀ ଓଡିଶା ଛାଡୁଥିବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି ବିଜୁ ଜନତା ଦଳ କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା କହିଥିଲେ, ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡିଶା ସରକାରଙ୍କ ସହିତ ମାର୍ଚ୍ଚ ୨୯, ୨୦୨୫ ମସିହାରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣା ଅନୁଯାୟୀ, କମ୍ପାନୀ ୩୦,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ କରିବା ପାଇଁ ପ୍ରସ୍ତାବ ଦେଇଥିଲା । ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅଂଚଳରେ, ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୭୦୦ ଏକର ଜମି ଚିହ୍ନଟ ହୋଇଥିଲା । କିନ୍ତୁ, ଏବେ ସେହି କମ୍ପାନୀ ଆନ୍ଧ୍ର ପ୍ରଦେଶରେ କମ୍ପାନୀ ପ୍ରତିଷ୍ଠା କରିବା ପାଇଁ ଆନ୍ଧ୍ର ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ଶ୍ରୀ ବେହେରା କହିଥିଲେ, ଏହା ପୂର୍ବରୁ ଓଡିଶା ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ଜେଏସଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ଇସ୍ପାତ ପ୍ରକଳ୍ପ ଯଥାକ୍ରମେ ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହିତ ବୁଝାମଣା ସ୍ୱାକ୍ଷର କରିଛନ୍ତି । ତେଣୁ, ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନେକ କମ୍ପାନୀ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ, ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡିଶା ଛାଡୁଛନ୍ତି । ଓଡିଶାକୁ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ଦାବି କେବଳ ବାହାସ୍ଫୋଟରେ ପରିଣତ ହୋଇଛି । ସେହିପରି ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି, ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖୋର୍ଦ୍ଧା ଠାରେ ସାଇନ୍ସ ସିଟି ପ୍ରତିଷ୍ଠା ହେବ ବୋଲି କରିଥିବା ଘୋଷଣା ବାସ୍ତବରେ ନବୀନ ସରକାରଙ୍କ ସମୟରେ ରୂପ ଦିଆଯାଇଥିଲା । ଖୋର୍ଦ୍ଧା ନିକଟବର୍ତ୍ତୀ ବରୁଣେଇ ଅଂଚଳରେ, ୫୦ ଏକର ଜମିରେ ସାଇନ୍ସ ସିଟି ନିର୍ମାଣ କରିବା ପାଇଁ ନବୀନ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେବା ସହିତ ଆବଶ୍ୟକୀୟ ଜମି ପ୍ରଦାନ କରାଯାଇଥିଲା । ସେହିପରି, ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ସାଇନ୍ସ ପାର୍କ କମ୍ ପ୍ଲାନେଟୋରିଅମ ପ୍ରତିଷ୍ଠା ହେବା ପାଇଁ ନିଷ୍ପତ୍ତି ହୋଇଥିଲା । ୫ ଏକର ଜମିରେ ଓ ସାଢ଼େ ଛଅ କୋଟି ଟଙ୍କା ବ୍ୟୟରେ ଏହା ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବାରିପଦା, କେନ୍ଦୁଝରର ଘଟଗାଁ ଓ ରାୟଗଡା ଠାରେ ଏହି ସାଇନ୍ସ ପାର୍କ କମ୍ ପ୍ଲାନେଟୋରିଅମ ପ୍ରତିଷ୍ଠା ହୋଇସାରିଛି । ତେଣୁ, ଏଗୁଡିକ ନବୀନ ସରକାରଙ୍କ ସମୟରେ ହୋଇଥିବା ବେଳେ, ବିଜେପି ସରକାର ସେହି କାର୍ଯ୍ୟକୁ ନିଜର ବୋଲି କହି ବାହାଦୁରୀ ନେବାକୁ ଚେଷ୍ଟା କରୁଛି ।

# ଅଟୋକୁ ଆକ୍ରମଣ କଲେ ହାତୀପଲ, ମହିଳା ମୃତ



ମୟୂରଭଞ୍ଜ,୭/୯(ନି/ପ୍ର):ମୟୂରଭଞ୍ଜ ଜିଲ୍ଲା ବାରମାଇଲ-ଚିତ୍ରଡ଼ା ରାସ୍ତାର ଅସ୍ତିଆବନ୍ଧ ନିକଟରେ ଅଭାବନୀୟ ଘଟଣା ଘଟିଛି । ଏକ ଅଟୋକୁ ହାତୀ ପଲ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଅନ୍ୟ ୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକ ହେଲେ ରୀନା ନାୟକ ବୋଲି ଜଣାପଡିଛି। ଅଟୋଟି ୮ଜଣ ଯାତ୍ରୀଙ୍କୁ ନେଇ ଅମର୍ଦାରୁ ବାରିପଦା ଯାଉଥିବାବେଳେ ଅସ୍ତିଆବନ୍ଧ ନିକଟରେ ହାତୀପଲ ଅଟୋକୁ ଆକ୍ରମଣ କରିଥିଲେ । ୭ ଜଣ ଦୌଡ଼ି ପଳାଇଥିବାବେଳେ ମହିଳା ଜଣକ ହାତୀ ହାବୁଡରେ ପଡିଯାଇଥିଲେ । ତାଙ୍କ ହାତ, ମୁଣ୍ଡ ଓ ଛାତିରେ ଜଭୀର ଆଘାତ ଲାଗିଛି। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ସାପ କାମୁଡ଼ାରେ ମହିଳା ସରପଚଂଙ୍କ ମୃତ୍ୟୁ



ରାୟଗଡା,୭/୯(ନି/ପ୍ର):ସାପ କାମୁଡ଼ାରେ ସରପଚଂଙ୍କ ମୃତ୍ୟୁ । ରାୟଗଡା ବ୍ଲକ କୁଲି ପଚାଂୟତରେ ଅଭାବନୀୟ ଘଟଣା ଘଟିଛି। ସାପ କାମୁଡାରେ ମହିଳା ସରପଚଂଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକ ସରପଚଂ ମାଙ୍ଗି କାଡ୍ରାକା ବୋଲି ଜଣାପଡିଛି। ମାଙ୍ଗି ରାତିରେ ଘରେ ଶୋଇଥିବା ବେଳେ ବିଷାକ୍ତ ସାପ ତାଙ୍କୁ କାମୁଡିଥିଲା । ପରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସରପଚଂଙ୍କ ମୃତ୍ୟୁକୁ ନେଇ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ମୋଦୀଙ୍କୁ କେଜ୍ରିୱାଲଙ୍କ ଶବ୍ଦ ତୀର :

## ସାହସ ଦେଖାନ୍ତୁ, ଆମେରିକା ଉପରେ ୭୫% ଟାରିଫ୍ ଲଗାନ୍ତୁ..



ନୂଆଦିଲ୍ଲୀ,୭/୯: ଟାରିଫ୍ ପ୍ରସଙ୍ଗରେ ମୋଦୀଙ୍କୁ ଟାର୍ଗେଟ୍ କଲେ ଆପ୍ ନେତା ଅରବିନ୍ଦ କେଜ୍ରିୱାଲ୍ । ମୋଦୀଙ୍କୁ ଶବ୍ଦ ତୀର ମାରିବା ସହିତ କେଜ୍ରିୱାଲ୍ କହିଛନ୍ତି, ମୋଦୀ ଜୀ ସାହସ ଦେଖାଇବା ଉଚିତ୍ ଆଉ ଆମେରିକା ଉପରେ ୭୫ ପ୍ରତିଶତ ଶୁଳ୍କ ଲଗାଇବା ଉଚିତ୍ । ତେବେ ରବିବାର ଅହମ୍ମଦାବାଦ-ରାଜକୋଟ ରାଜପଥର ପ୍ରଭୁ ଫାର୍ମରେ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ କେଜ୍ରିୱାଲ୍ । ଯେଉଁଠି ସେ କହିଥିଲେ, ଆମର କପା ଚାଷୀମାନେ ଋଣ ନେଇ କପା ଚାଷ କରିଥିଲେ, ଆଉ ଚାଷୀମାନେ ଆଶା କରୁଥିଲେ ଯେ ଯେତେବେଳେ ସେମାନେ ସେମାନଙ୍କର ଫସଲ ବଜାରକୁ ନେଇଯିବେ, ସେତେବେଳେ ସେମାନେ ଏହାର ଭଲ ମୂଲ୍ୟ ପାଇବେ । କିନ୍ତୁ କେନ୍ଦ୍ରରେ ବସିଥିବା ନରେନ୍ଦ୍ର ମୋଦିଙ୍କ ସରକାର ଅଗଷ୍ଟ ୧୯ ତାରିଖରେ ଆମେରିକୀୟ କପା ଉପରୁ ୧୧% ଆମଦାନୀ ଶୁଳ୍କ ହଟାଇ ଦେଇଥିଲେ । ଯାହାଫଳରେ ଏବେ ଆମେରିକୀୟ କପା ଶସ୍ତାରେ ବିକ୍ରି ହେବ । ଆଉ ଏବେ ଯେତେବେଳେ ଭାରତୀୟ ଚାଷୀମାନେ ବଜାରରେ ସେମାନଙ୍କର କପା ବିକ୍ରୟ କରିବାକୁ ଯିବେ, ଲୋକମାନେ ସେମାନଙ୍କ କପାକୁ ନ କିଣି ଆମେରିକାର କପା କିଣିବେ । ଏହାପରେ ଆପ୍ ମୁଖିଆ ଆହୁରି ମଧ୍ୟ କହିଛନ୍ତି ଯେ, ହୀରା କାରିଗରମାନେ ମଧ୍ୟ ଏକ ବଡ଼ ସଙ୍କଟର ସମ୍ମୁଖୀନ ହେଉଛନ୍ତି ।

# ଶୁଳ୍କ କମାଇବାକୁ ଭାରତ ଆଗରେ ୩ ସର୍ତ ରଖିଲା ଆମେରିକା



ୱାସିଂଟନ,୭/୯ : ଭାରତ ସହ ଆମେରିକା ଡବଲ୍ ଗେମ୍ ଖେଳୁଛି। ଭାରତକୁ ଧମକ ଦେବାର ୧୨ ଘଟାଂ ଭିତରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦାର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ତାଙ୍କ ବାଣିଜ୍ୟମନ୍ତ୍ରୀ ହାଭାର୍ଡ ଲୁଟ୍ ?ନିକ ଭାରତକୁ ଧମକ ଦେଇଛନ୍ତି। ସେ ଭାରତ ପାଇଁ ତିନି ସର୍ତ ରଖିଛନ୍ତି। ଏହି ତିନୋଟି ସର୍ତ ମାନିଲେ ଭାରତ ଉପରୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ହଟାଯିବ। ଭାରତକୁ ରୁଷ୍ ତୈଳ କ୍ରୟ ବନ୍ଦ କରିବାକୁ ହେବ ଏବଂ ବ୍ରିକ୍ସ ଗୋଷ୍ଠୀରୁ ଅଲଗା ହେବାକୁ ପଡ଼ିବ। ଏହାସହିତ ଆମେରିକାକୁ ସମର୍ଥନ ଦେବାକୁ ହେବ ବୋଲି ଲୁଟ୍‌ନିକ କହିଛନ୍ତି। ସେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେଇ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ। ଏଥିରୁ ଆମେରିକା ରାଷ୍ଟ୍ରପତିଙ୍କ କହିବା ଏବଂ କରିବାରେ ଆକାଶ ପାତାଳ ଫରକ ଥିବା ଜଣାପଡୁଛି। ଟ୍ରମ୍ପ ନିଜେ ଭାରତ ସହ ସମ୍ପର୍କ ସୁଧାରିବାକୁ ପ୍ରସ୍ତୁତ ଥିବା ନେଇ କହୁଥିବା ବେଳେ ତାଙ୍କ ମନ୍ତ୍ରୀ ଏଥିରେ ବ୍ରେକ୍ ଲଗାଉଛନ୍ତି। ଲୁଟ୍‌ନିକ କହିଥିଲେ ଯେ ଯଦି ରୁଷ୍ ଏବଂ ଚୀନ୍ ମଧ୍ୟରେ ଭାରତ ସେତୁ ହେବାକୁ ଚାହୁଁଛି ତେବେ ହେଉ। କିନ୍ତୁ ଭାରତକୁ ଡଲାରକୁ କିମ୍ବା ଆମେରିକାକୁ ସମର୍ଥନ କରିବାକୁ ହେବ। ନୂଆଦିଲ୍ଲୀ ନିଜର ସବୁଠାରୁ ବଡ଼ ଗ୍ରାହକକୁ ସମର୍ଥନ କରୁ କିମ୍ବା ୫୦ ପ୍ରତିଶତ ଶୁଳ୍କ ଦେଉ। ତେବେ ଭାରତ ଖୁବଶୀଘ୍ର ଆମେରିକା ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲାଚନାରେ ସାମିଲ ହେବ ବୋଲି ଆମେରିକା ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଆମେରିକା ସର୍ବଦା ଆଲୋଚନା ପାଇଁ ପ୍ରସ୍ତୁତ ଅଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ନେଇ ବିବାଦରହିଛିସତ,କିନ୍ତୁଖୁବଶୀଘ୍ରଭାରତ କ୍ଷମା ମାଗି ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ଟେବୁଲକୁ ଆସିବ ବୋଲି ଲୁଟ୍‌ନିକ କହିଛନ୍ତି। ମାସେ ଦୁଇ ମାସ ଭିତରେ ଏଭଳି ହେବ। ଟ୍ରମ୍ପଙ୍କ ସହ ନୂଆ ଚୁକ୍ତି କରିବା ପାଇଁ ଭାରତ ପ୍ରୟାସ କରିବ।

# ପୁଣି ନୂଆଦିଲ୍ଲୀ ଗଲେ ବିଜେପି ରାଜ୍ୟ ସଭାପତି



ଭୁବନେଶ୍ୱର,୭/୯(ନି/ପ୍ର) : ପୁଣି ଦିଲ୍ଲୀ ଗଲେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଗତକାଲି ସେ ନୂଆଦିଲ୍ଲୀରୁ ଫେରିଥିଲେ। ହେଲେ କିଛି ଘଟାଂ ପରେ ପୁଣି ତାଙ୍କୁ ଡାକରା ଆସିଲା, ଯେଉଁଥିପାଇଁ ସେ ପୁଣି ଥରେ ବିଳମ୍ବିତ ରାତିରେ ଦିଲ୍ଲୀ ଯାଇଛନ୍ତି। ଦିଲ୍ଲୀରେ ଶୀର୍ଷ ନେତୃତ୍ୱକୁ ଭେଟି ଆଲୋଚନା କରିବାର ସମ୍ଭାବନା ରହିଛି। ପୁଣି ଦିଲ୍ଲୀ ଗଲେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଗତକାଲି ସେ ନୂଆଦିଲ୍ଲୀରୁ ଫେରିଥିଲେ। ହେଲେ କିଛି ଘଟାଂ ପରେ ପୁଣି ତାଙ୍କୁ ଡାକରା ଆସିଲା, ଯେଉଁଥିପାଇଁ ସେ ପୁଣି ଥରେ ବିଳମ୍ବିତ ରାତିରେ ଦିଲ୍ଲୀ ଯାଇଛନ୍ତି। ଦିଲ୍ଲୀରେ ଶୀର୍ଷ ନେତୃତ୍ୱକୁ ଭେଟି ଆଲୋଚନା କରିବାର ସମ୍ଭାବନା ରହିଛି। ତେବେ ସେ କାହିଁକି ଅଚାନକ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି, ସେନେଇ ଦଳ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ତେବେ ସେ କାହିଁକି ଅଚାନକ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି, ସେନେଇ ଦଳ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।




# କେନ୍ଦୁଝର ସମାଚାର

## A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରାଦେଶିକ ଗଣିତ ମେଳା ୨୦୨୫ ଉଦ୍‌ଘାଟିତ




କେନ୍ଦୁଝର,୭/୯(ନି/ପ୍ର) :ସ୍ଥାନୀୟ ଜେଲରୋଡ, କେନ୍ଦୁଝରଗଡ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ପ୍ରାଦେଶିକ ଗଣିତ ମେଳା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଉ ର ସଂଭାଗ ସଂପାଦକ ଗଙ୍ଗାଧର କରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଧରଣୀଧର ସ୍ୱୟଂଶାସିତ ବିଶ୍ୱ ବିଦ୍ୟାଳୟର କୁଳସଚିତ ସୁଶ୍ରୀ ପ୍ରତିଭା ପୃଷ୍ଟି ଯୋଗଦେଇ ଶିଶୁଙ୍କୁ ଭବିଷ୍ୟତରେ ଜଣେ ଜଣେ ଗଣିତଜ୍ଞ ହେବା ସହିତ ଦେଶର ନାମ ରଖିବାକୁ ନିଜ ବକ୍ତବ୍ୟରେ କହିଥିଲେ । ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଯୋଗ ଦେଇ ଗୁରୁଦିବସରେ ଗୁରୁଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ସଂପାଦକ ସରୋଜ କୁମାର ହାତୀ ଯୋଗ ଦେଇ ଗଣିତ ପ୍ରତି ଭାରତର ଅତୁଳନୀୟ ଅବଦାନ ରହିଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସଂଭଗ ସଂଯୋଜକ କ୍ଷେତ୍ରମୋହନ ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରନ୍ତ ଗଣିତ ସଂଯୋଜକ ବିରଚିଂ ନାରାୟଣ ମହାପାତ୍ର ଗଣିତ ମେଳାର ଉଦ୍ଦେଶ୍ୟ କଥନ ରଖିଥିଲେ । ବିଦ୍ୟାଳୟର ଉପସଭାପତି ପ୍ରିୟବ୍ରତ ସାମଲ, ସଂପାଦକ ସୁଧାଂଶୁ ଶେଖର ପଣ୍ଡା, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ୍‌, ପୂର୍ଣ୍ଣକାଳିନ ସଂଜୟ ମିଶ୍ର, ରୁଦ୍ରନାରାୟଣ ବେହେରା, ଜ୍ଞାନରଂଜନ ପାଢି, ହରିଶ୍ଚନ୍ଦ୍ର ପଣ୍ଡା, ଲମ୍ବୋଦର ମହାନ୍ତ, ପ୍ରଦୀପ କୁମାର ସାହୁ, ଅଖିଳ ଭାରତୀୟ ବୌଦିକ ଗଣିତ ସହ ସଂଯୋଜକ ପ୍ରସନ୍ନ କୁମାର ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଉକ୍ତ ମେଳାରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କୃତି ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଏହି ମେଳାରେ ଗଣିତ ପ୍ରକଳ୍ପ, ପତ୍ରବାଚନ, ପ୍ରଶ୍ନମ , ପ୍ରୟୋଗ, ଆଚାର୍ଯ୍ୟ ପତ୍ରବାଚନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାଟକାମବେଡା, ବଡବିଲ ଠାରେ ଗୁରୁ ଦିବସ ପାଳନ

କେନ୍ଦୁଝର,୭/୯(ନି/ପ୍ର): ଅନୁସୂଚିତ ଜନଜାତି ଓ ଅନୁସୁଚିତ ଜାତି ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ କେନ୍ଦୁଝର ଜିଲ୍ଲା ବଡ଼ବିଲ ଠାରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାଟ୍ କାମ୍ ବେଡାଠାରେ ଶୁକ୍ରବାର ଦିନ ସକାଳୁ ସକାଳୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଗୁରୁ ଦିବସ ପୁରାତନ ପଦ୍ଧତି ଯଥା ପୁଷ୍ପ, ଦୀପ, ଚନ୍ଦନ ଏବଂ ଦାନ୍ତକାଠି ସହିତ ଘର ଘର ବୁଲି ପୂଜାର୍ଚ୍ଚନା କରିଥିଲେ କ୍ଷ ପରେ ସକାଳ ୧୦ଟା ସମୟରେ ଗୁରୁ ଦିବସ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଙ୍ଗୁଲୁ ନାୟକଙ୍କ ସଭାପତିତ୍ୱ କରିବା ସହ ମୁଖ୍ୟ ଅତିଥି ଭାବେ ୟୁକୋ ବ୍ୟାଙ୍କର ମୁଖ୍ୟ ପରିଚାଳକ ଶ୍ରୀମତୀ ଗୀତାଞ୍ଜଳି ସାମଲ ଏବଂ ଅନିଶ କୁମାର ନାଗ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁରୁଚରଣ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ । ପ୍ରଥମେ ଛାତ୍ର ଛାତ୍ରୀମାନେ ପୁନଶ୍ଚ ଗୁରୁ ପୂଜନ କରିଥିଲେ । ସମସ୍ତ ଅତିଥି ଗୁରୁଦିବସରେ ମହାନ୍ତ ।ସମସ୍ତ ଅତିଥି ଗୁରୁ ଦିବସର ମହତ୍ୱ ବିଷୟରେ ଆଲୋକାନୁପାତ କରିଥିଲେ ଓ ଛାତ୍ରଛାତ୍ରୀ ମାନେ ଉତମ ଆଚାର, ବିଚାର ଓ ବ୍ୟବହାର ସମ୍ପନ୍ନ ହୋଇ ଏଇ ବିଦ୍ୟାଳୟରେ କିପରି ଖୁସିର ବାତାବରଣ ସୃଷ୍ଟି ହେବ ପ୍ରେରଣା ଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ହେମନ୍ତ କୁମାର ଘଡିଆଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ବିଦ୍ୟାଳୟର ଶ୍ରୀଯୁକ୍ତ ମନୋଜ କୁମାର ସାହୁ( ଉଦ୍ଭିଦ ବିଜ୍ଞାନ), ଜଗଦୀଶ ସାହୁ( ଗଣିତ),ଆଶୁତୋଷ ସେଠୀ( ରସାୟନ ବିଜ୍ଞାନ), ଭାରତୀ ମହାନ୍ତ( ପଦାର୍ଥ ବିଜ୍ଞାନ), ନିର୍ଲିପ୍ତା ପାଣିଗ୍ରାହୀ( ପ୍ରାଣୀ ବିଜ୍ଞାନ), ଧୂରେନ୍ ମହାନ୍ତ( କମ୍ପ୍ୟୁଟର), ରୀନା ବେହେରା ତଥା ଉଚ୍ଚ ବିଦ୍ୟାଳୟର ରଞ୍ଜନ କୁମାର ରାଉତ,ବିନୋଦ ଦେହୁରୀ, ଜୀନତ ମହାନ୍ତ,ଉର୍ମିଳା ବିଶ୍ୱାଳ,ଅନିତା ପ୍ରଧାନ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗଦାନ ପୂର୍ବକ ସଭାଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଏହି ସଭାରେ ଛାତ୍ରଛାତ୍ରୀମାନେ ସମସ୍ତ ଅତିଥି, ଶିକ୍ଷକ ,ଶିକ୍ଷୟିତ୍ରୀ,ଅଧ୍ୟାପକ ଏବଂ ଅଧ୍ୟାପିକା ମାନଙ୍କୁ ଉପହାର ପ୍ରଦାନ କରିଥିଲେ । ଉକ୍ତ ସଭାରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଙ୍ଗଳ କାମନା କରିବା ସହିତ ପଢାପଢି ଠିକ୍ ଭାବରେ କରିବା, ସମୟର ସଦୁପଯୋଗ କରିବା, ଶୃଙ୍ଖଳାରେ ରହିବା ଏବଂ ଭବିଷ୍ୟତରେ ଜଣେ ଉତମ ନାଗରିକ ହେବା ଇତ୍ୟାଦି ବିଷୟରେ ସମ୍ୟକ୍ ଉପଦେଶ ପ୍ରଦାନ କରିଥିଲେ । ପରିଶେଷରେ ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ରାଉତ ସଭାକାର୍ଯ୍ୟ ସଂଚାଳକ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ସ୍ଥାନରେ ଏବିଭିପି ସଂଗଠନ ଗଠିତ

ଚମ୍ପୁଆ,୭/୯(ନି/ପ୍ର) : କେନ୍ଦୁଝର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଚମ୍ପୁଆ ଉପଖଣ୍ଡସ୍ଥ ବଡ଼ବିଲ ମହାବିଦ୍ୟାଳୟରେ କ୍ୟାମ୍ପସ୍ ୟୁନିଟ୍ ୨୦୨୫-୨୬ ଗଠନ କରାଯାଇଅଛି । ଏଥିରେ କ୍ୟାମ୍ପସ୍ ୟୁନିଟ୍ ର ସଭାପତି ଭାବେ ପ୍ରତୀକ ସିନ୍‌ହା ତଥା ଉପସଭାପତି ଭାବେ ଏମ୍ ଡି ସାହିଲ ଓ ଭୁବନେଶ୍ୱରୀ ମହାନ୍ତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଅଛି । କ୍ୟାମ୍ପସ୍ ୟୁନିଟ୍ ସମ୍ପାଦକ ଭାବରେ କାଜଲ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଅଛି । କ୍ୟାମ୍ପସ୍ ପ୍ରମୁଖ ଭାବରେ ଅମିତ, କ୍ୟାମ୍ପସ ପ୍ରମୁଖ ଭାବେ ଅମନ, କ୍ୟାମ୍ପସ ପ୍ରମୁଖ ଭାବେ ରାହୁଲ, କ୍ୟାମ୍ପସ ସ୍ପୋର୍ଟସ ସଂଯୋଜକ ଖିତିଶ କୁମାର ସାମଲ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କେନ୍ଦୁଝର ଜିଲ୍ଲା ସଂଯୋଜକ ସ୍ୱରାଜ କେତନ ମହାନ୍ତ ଏବଂ ଜିଲ୍ଲା ସଂଯୋଜକ ବିକାଶ ବାରିକ ତଥା ସୁଧାଂଶୁ ବାରିକ ଏବଂ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ ।

## ଚମ୍ପୁଆରେ ପରିବେଶ ପଚାଂୟତ : ପରିବେଶ ସୁରକ୍ଷା ଆମ ଦାୟିତ୍ୱ ; ସନାତନ




କେନ୍ଦୁଝର,୭/୯(ନି/ପ୍ର): ପରିବେଶ ବଚିଂଲେ ଆମେ ବଚିଂବା । ପରିବେଶ ସୁରକ୍ଷା ହେଉଛି ଆମର ପ୍ରଥମ ଏବଂ ମୌଳିକ କର୍ତବ୍ୟ ବୋଲି ଆଜି ଚମ୍ପୁଆସ୍ଥିତ ଧରଣୀଧର ନଗରଭବନରେ ପରିବେଶ ପଚାଂୟତ କାର୍ଯ୍ୟକ୍ରମରେ ଯୋଗ ଦେଇ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ମତବ୍ୟକ୍ତ କରିଛନ୍ତି । ଜୀବଜଗତ ତିଷ୍ଠି ରହିବା ପାଇଁ ପରିବେଶର ଏକ ପ୍ରମୁଖ ଭୂମିକା ରହିଛି । କିନ୍ତୁ ଆମେ ଜାଣିଶୁଣି ପରିବେଶକୁ ବିଭିନ୍ନ ଉପାୟରେ ନଷ୍ଟ କରି ଚାଲିଛୁ । ଗଛ କାଟିବା ସହ କଳକାରଖାନାରୁ ନିର୍ଗତ ଧୂଆଁ ପରିବେଶ ଉପରେ କୁପ୍ରଭାବ ପକାଉଛି । ବର୍ତମାନ ଯେଭଳି ପରିବେଶ ଦୂଷିତ ହେବାରେ ଲାଗିଛି, ତାହାର ପ୍ରତିକାର ନ କଲେ ପୃଥିବୀ ପୃଷ୍ଠରୁ ଜୀବଜଗତ ଧ୍ୱଂସ ପାଇଯିବ । ତେଣୁ ଏଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ । ସେହିପରି ବଣପାହାଡ଼ ଘେରା କେନ୍ଦୁଝର ଜିଲ୍ଲାକୁ ପ୍ରକୃତିର ଅବଦାନ ଅତୁଳନୀୟ । ଏହି ଜିଲ୍ଲାରୁ ବାହାରିଥିବା ଚିରସ୍ରୋତା ବୈତରଣୀ ଏବେ ନିଜର ସ୍ଥିତି ହରାଇବାକୁ ବସିଲାଣି । ଜିଲ୍ଲାର ବହୁ ପ୍ରାକୃତିକ ଝରଣା ମଧ୍ୟ ସନ୍ନା ହରାଇଲେଣି । ଏଥିପ୍ରତି ଆମେ ଯଦି ସଜାଗ ନ ହେବା ତେବେ ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଆମ ନିୟନ୍ତ୍ରଣରୁ ଚାଲିଯିବ ବୋଲି ଶ୍ରୀ ମହାକୁଡ଼ ସତର୍କ କରାଇ ଦେଇଥିଲେ । ସମ୍ମାନିତ ଅତିଥି ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା କହିଥିଲେ, ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ଜରୁରୀ । କିନ୍ତୁ ଏ ଦିଗରେ ଆମର ଆଭିମୁଖ୍ୟ ଅତ୍ୟନ୍ତ ହାଲୁକା । ଆମେ ଅନେକ ସମୟରେ ବୃକ୍ଷରୋପଣ କରିବା ଉପରେ ଦୃଷ୍ଟି ଦେଉନାହୁଁ । ସମସ୍ତେ ଗଛ ଲଗାଇବା ଓ ତାହାର ସୁରକ୍ଷା ନେବା ଉଚିତ ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଚମ୍ପୁଆ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ କହିଥିଲେ, ପରିବେଶ ସୁରକ୍ଷା ଦିଗରେ ଗଛର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଛ ଯେଉଁ ଅମ୍ଳଜାନ ଛାଡୁଛି ତାହାକୁ ଆମେ ଗ୍ରହଣ କରି ବଚିଂଛେ । ଏହାକୁ ଦୃଷ୍ଟିରେ ରଖି ବୃକ୍ଷରୋପଣକୁ ସମସ୍ତେ ବ୍ରତ ଭାବେ ଗ୍ରହଣ କରିବା ଉଚିତ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଡିଏଫ୍‌ଓ ଏଚ୍‌ଡି ଧନରାଜ କହିଥିଲେ, ଆମେ ଯେଭଳି ନିଜ ପିଲାଙ୍କୁ ପାଳୁଛୁ ଓ ବଡ଼ କରୁଛୁ, ଠିକ୍ ସେମିତି ପରିବେଶକୁ ମଧ୍ୟ ପାଳିବା ଆବଶ୍ୟକ । ବିନା ଶ୍ୱାସକ୍ରିୟାରେ ଆମେ ଗୋଟିଏ ମିନିଟ୍ ମଧ୍ୟ ବଚିଂପାରିବା ନାହିଁ । ଏଥିରୁ ପ୍ରକୃତିର ଅବଦାନ କେତେ ତାହା ଉପଲବ୍ଧି କରିବା ଉଚିତ ବୋଲି ସେ କହିଥିଲେ । ଅବସରପ୍ରାପ୍ତ ଅଧ୍ୟାପକ ଗିରିଜା ଶଙ୍କର କର ପରିବେଶ ସୁରକ୍ଷା ଦିଗରେ ଉଦ୍‌ବୋଧନ ଦେଇଥିଲେ । ‘ସମ୍ବାଦ’ କେନ୍ଦୁଝର ଜିଲ୍ଲା ପ୍ରତିନିଧି ସୁବ୍ରତ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ୍ ପ୍ରତିନିଧି ବେଣୁଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ‘ସମ୍ବାଦ ସାହିତ୍ୟଘର’ ସଭାପତି ରମାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଚମ୍ପୁଆ ବ୍ଲକ୍ ପ୍ରତିନିଧି ପରମାନନ୍ଦ ମହାନ୍ତ, କେନ୍ଦୁଝର ସହର ପ୍ରତିନିଧି ସୁଧାଂଶୁ ଶେଖର ସାହୁ, ଯୋଡ଼ା କନକ ନିଉଜ୍ ପ୍ରତିନିଧି ମହେଶ୍ୱର ସାହୁ, ବିଜ୍ଞାପନ ଅଧିକାରୀ ପାର୍ଥସାରଥି ନାୟକ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ ବେହେରା, ଚମକପୁର ପ୍ରତିନିଧି ହୃଦାନନ୍ଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କଲେଜ ଛାତ୍ରୀ ଫୋନ ଚୋରୀ ଅଭିଯୋଗରେ ୨ ଯୁବକ ଗିରଫ

ଘଟଗାଁ, ୭/୯(ନି/ପ୍ର): ଫୋନ ଚୋରୀ ଅଭିଯୋଗରେ ଦୁଇ ଯୁବକ ଗିରଫ ହୋଇଥିବା ଜଣା ପଡିଛି । ପୋଲିସ ରିପୋର୍ଟ ରୁ ଜଣା ପଡିଛି ଘଟଗାଁ ଥାନା ବେଢାପାଳ ଗ୍ରାମର କେଦାର ଦାସ ଙ୍କ ଝିଅ ବର୍ଷାରାଣୀ ଦାସ (୧୯) ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ ଘଟଗାଁ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ରେ ପଢୁଥିଲେ ।ପ୍ରତିଦିନ ପରି ଅଗଷ୍ଟ ୩୦ତାରିଖ ସାଇକେଲ ଯୋଗେ ମହାବିଦ୍ୟାଳୟରୁ ଘରକୁ ଫେରୁଥିବା ବେଳେ ତରା- ବେଢାପାଳ ରାସ୍ତା ମଝି ଝଟିଆ ଜଙ୍ଗଲ ପଥର କ୍ରସର ପାଖରେ ଏକ ରାଇଡର ମୋଟର ସାଇକେଲରେ ଘଟଗାଁ ଥାନା ଖମଣ ମୁଣ୍ଡ ଗ୍ରାମର ଅକ୍ଷୟ କୁମାର ସିଂ ଙ୍କ ପୁଅ ମୋନରଞ୍ଜନ ସିଂ (୨୧) ଓ ଉକ୍ତ ଗ୍ରାମର ଶ୍ରବଣ ବେହେରା ପୁଅ ଅଲୋକ ବେହେରା (୧୯) ରାଇଡର ମୋଟର ସକେଲରେ ଆସି ପହଂଚି ଏବଂ ଏଇଟା କେଉଁ ଗାଁକୁ ରାସ୍ତା ବୋଲି ପଚାରିଥିଲେ । କଥା ହେବା ସମୟରେ ମୋଟର ସାଇକେଲ ପଛରେ ବସିଥିବା ଯୁବକ ବର୍ଷାରାଣୀ ଠାରୁ ମୋବାଇଲ ଫୋନ ଝାମ୍ପି ନେଇଥିଲା । ଘଟଣା ସଂକ୍ରାନ୍ତରେ କେଦାର ଦାସ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଗାଁ ଥାନା ଅଧିକାରୀ ତଦନ୍ତ କରି ଉପର ଲିଖିତ ଦୁଇ ଯୁବକଙ୍କୁ ଗିରଫ କରିଥିଲେ । ସତ୍ୟାସତ୍ୟ ପ୍ରମାଣିତ ହେବା ପରେ କେସ ନମ୍ବର ୩୬୩ ଦଫା ୩୦୩(୨)/୩(୫) ବିଏନଏସ ଯୋଗେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ଅଟୋ ଧକ୍କାରେ ୩ ଅଙ୍ଗନୱାଡି ଛାତ୍ରଛାତ୍ରୀ ଗୁରୁତର



ଅନୁଗୋଳ,୭/୯(ନି/ପ୍ର) : ଜରପଡା ଥାନା ଅନ୍ତର୍ଗତ ଉଗି ଗାଁ ଦେହୁରୀ ସାହି ସ୍କୁଲ ସମ୍ମୁଖରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଅଟୋ ଧକ୍କାରେ ୩ ଅଙ୍ଗନୱାଡି ଛାତ୍ରଛାତ୍ରୀ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଗୁରୁତର ଆହତ ମାନେ ହେଲେ ଚନ୍ଦନ ମାହାର, ଟିକୁ ମାହାର ଓ ଶୁଭଲକ୍ଷ୍ମୀ ପ୍ରଧାନ । ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

## ବ୍ଲକସ୍ତରୀୟ ଗୁରୁ ଦିବସରେ ଯୋଗଦେଲେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ

କେନ୍ଦ୍ରାପଡ଼ା, ୭/୯(ନି/ପ୍ର): ଜୀବନରେ ଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ ଅବଦାନ ରହିଛି, ସମାଜ ରେ ଶିକ୍ଷୟଙ୍କ ର ପ୍ରଭାବ ଅନନ୍ତ କାଳ ପାଇଁ ଥାଏ, ପ୍ରତ୍ୟେକ ଶିକ୍ଷକ ଙ୍କ ପ୍ରଦର୍ଶନୀ ନୂଆ ଆରମ୍ଭ ର ସୃଷ୍ଟି କରିଥାଏ, ’ଗୁରୁ ହିଁ ସାକ୍ଷାତ ଈଶ୍ୱର’ଜଣଙ୍କୁ ସତପଥ ପ୍ରଦର୍ଶନ କରାଇଥିବା ନିମନ୍ତେ ଈଶ୍ୱର ହିଁ ଗୁରୁ ରୂପରେ ଶରୀର ଧାରଣ କରିଥାନ୍ତି, ତେଣୁ ଗୁରୁ ହେଉଛନ୍ତି ପ୍ରତିଟି ଜୀବନ ଚେତନା ର ପରମ ଆଦର୍ଶ ସ୍ୱରୂପ, ଗୁରୁ ହେଉଛନ୍ତି ମୁଖ୍ୟ ଦ୍ୱାର, ସାକ୍ଷାତେ ଗୁରୁ ଯେ ଈଶ୍ୱର, ଗୁରୁଙ୍କୁ ନମଣିବ ନର’’ବୋଲି ଆଜି ସ୍ଥାନୀୟ ଦେଉଳପଡା ପଂଚାୟତ ଚଣ୍ଡୀଆପଲ୍ଲୀ ୟୁ ଜି ୟୁପି ବିଦ୍ୟାଳୟ ପରିସରରେ ଆୟୋଜିତ ବ୍ଲକ ସ୍ତରୀୟ ଗୁରୁ ଦିବସ ପାଳନ ଅବସରରେ ରାଜ୍ୟ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି,ସେହିପରି ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଧାୟକ ଡ ଦୁର୍ଗା ପ୍ରସନ ନାୟକ ଯୋଗ ଦେଇ କହିଥିଲେ ଯେ ଶିକ୍ଷକମାନଙ୍କର ମାନଦଣ୍ଡ ବୃଦ୍ଧି ପାଇଛି, ଶିକ୍ଷକ ମାନେ ସଦାସର୍ବଦା ସମ୍ମାନସ୍ପଦ, ଆମ ଅଂଚଳରେ ଶିକ୍ଷା ର ବ୍ୟବସ୍ଥା ବ୍ୟାପକ ବୃଦ୍ଧି ପାଇଛି, ଶିକ୍ଷାର ବିକାଶ ହେଲେ ଦେଶର ବିକାଶ ହୋଇ ପାରିବ, ଶିକ୍ଷକ ମାନଙ୍କ ସହଯୋଗ ମିଳିଲେ ସମାଜରେ ମେଧାବୀ ଛାତ୍ର ଛାତ୍ରୀ ସୃଷ୍ଟି ହେବା ସହ ବିକଶିତ ସମାଜ ର ଅବଲୋକନ ହୋଇ ପାରିବ ବୋଲି କହିଥିଲେ, କାର୍ଯ୍ୟକ୍ରମରେ ବିଭିନ୍ନ ପଂଚାୟତ ରୁ ପ୍ରାୟ ୪୭ଜଣ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା, ଗୁରୁପୂଜା ପରିଷଦର ସଭାପତି ଅଶୋକ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ବିଶ୍ୱପ୍ରକାଶ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୋଡାଲ ଶିକ୍ଷକ ରଘୁନାଥ ଦାସ ସ୍ୱାଗତ ଭାଷଣ ଦେଇ ଥିଲେ, କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ରବୀନ୍ଦ୍ର କୁମାର ମଲ୍ଲିକ, ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ମହାନ୍ତି, ଗୀତାଞ୍ଜଳି ସେଠି, ଶଶାଙ୍କ ଶେଖର ସେଠି, କିଶୋର ପଣ୍ଡା, ଲଳିତ କୁମାର ବେହେରା, ସମାଜସେବୀ ସଞ୍ଜୟ ରଥ, ସରୋଜକାନ୍ତ ସାହୁ,ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର କୁମାର ବାରିକ, ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ପ୍ରମୁଖ ମଂଚାସୀନ ଥିଲେ, ସେହିପରି ସମାଜସେବୀ ପ୍ରଶାନ୍ତ ସେଠି, ଗୁରୁପୂଜା ପରିଷଦ ର ମହାକାଳପଡ଼ା ବ୍ଲକ ସମ୍ପାଦକ ରମେଶ ଚନ୍ଦ୍ର ସାହାଣୀ, ଚଣ୍ଡୀଆପଲ୍ଲୀ ୟୁଜିୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଅମୀୟ କୁମାର ଚୌଧୁରୀ,ସୁଶାନ୍ତ କୁମାର ପଲାଇ,ମନୋଜ ନନ୍ଦ, ଶିଶିର ଦାସ, ମାଧବ ବାରିକ, ଅଶୋକ ରାୟ ସ୍ଥାନୀୟ ସମିତି ସଭ୍ୟ ସରୋଜକାନ୍ତ ପରିଡା, ଅଲେଖ ଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ୨ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ, କାର୍ଯ୍ୟକ୍ରମ ପ୍ରାରମ୍ଭରେ ମନ୍ତ୍ରୀ ସୁରଜ ଓ ବିଧାୟକ ଡ. ନାୟକ ବିଦ୍ୟାଳୟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତୀ ଉନ୍ମୋଚନ କରିବା ସହ ପ୍ରାୟ ୧୮ଲକ୍ଷ ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହ ଶୁଭ ଶିଳାନ୍ୟାସ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ

କେନ୍ଦୁଝର,୭/୯(ନି/ପ୍ର): ଢେଙ୍କିକୋଟର ଶିଶୁ ବିଦ୍ୟାମନ୍ଦିର ଗୁରୁ ଦିବସ ଉତ୍ସବ ପାଳିତ ହୋଇଯାଇଛି । ଆୟୋଜନ ହୋଇଥିବା ଉତ୍ସବ ଛାତ୍ର ଛାତ୍ରୀ ବନ୍ଦନା ଗାନ ପୂର୍ବକ, ଗୁରୁଜୀ ଗୁରୁମାଙ୍କୁ ପୂଜନ ପରେ, ଆଣି ଥିବା ଉପହାର ପ୍ରଦାନ କରିଥିଲେ ଛାତ୍ର ଓ ଛାତ୍ରୀ । ଉତ୍ସବରେ ରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ ସାନ୍ତରାପୁର ଅବସର ପ୍ରାପ୍ତ ଶିକ୍ଷକ ତଥା ବର୍ତମାନର ପରିଚାଳନା ସମିତିର ସମ୍ପାଦକ କୀର୍ତନ ବିହାରି ମହାନ୍ତ ଯୋଗଦେଇ ଗୁରୁ ଦିବସ ଉତ୍ସବର ମୂଲ୍ୟବୋଧ ସମ୍ବନ୍ଧରେ କହିଥିଲେ ପ୍ରଧାନ ଆଚାର୍ଯ୍ୟ ଲୋକନାଥ ମହାନ୍ତ ସଂଯୋଜନା ରେ କାର୍ଯ୍ୟକ୍ରମ ଚାଲିଥିଲା ରଞ୍ଜିତା ରାଣୀ କର ବୌଦ୍ଧିକ ପ୍ରଦାନ କରିଥିଲେ, ଗୁରୁଜୀ ନିରଞ୍ଜନ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ ବୈଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ଶିଶୁ ଭାଇଭଉଣୀ ମାନେ ଉତ୍ସାହିତ ହୋଇଥିବା ବେଳେ, ପରିଚାଳନା ସମିତି ତରଫରୁ କୋଷାଧ୍ୟକ୍ଷ ରାଧାକାନ୍ତ ବେହେରା ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟ ସେବକ ସେବିକା ମାନଙ୍କୁ ଗଣବେଶ ପ୍ରଦାନ କରିଥିଲେ ସମସ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ମାଷ୍ଟର ଟ୍ରେନରମାନଙ୍କର ୩ଦିନିଆ ତାଲିମ ଶିବିର

ଜୟପୁର,୭/୯(ନି/ପ୍ର): କୋରାପୁଟ ଠାରେ ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ବ୍ଲକ୍ ମାଷ୍ଟର ଟ୍ରେନର ମାନଙ୍କର ୩ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ରୁ କୋରାପୁଟ ଜିଲ୍ଲା ପାଇଁ ଆଦି କର୍ମଯୋଗୀ ଅଭିଯାନର ଜିଲ୍ଲା ପ୍ରଭାରୀ ପ୍ରଦୀପ ଅଗ୍ରୱାଲ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କୋରାପୁଟର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝି ଯୋଗଦେଇଥିଲେ । ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ୧୪ଟି ବ୍ଲକରୁ ବିଭିନ୍ନ ବିଭାଗରୁ ୬୬ଜଣ ତାଲିମାର୍ଥୀ ଅଂଶଗ୍ରହଣ କରିଛନ୍ତି । ରାଜ୍ୟ ସ୍ତରୀୟ ପ୍ରୋଫେସର ଲ୍ୟାବ୍‌ରୁ ତାଲିମ ପ୍ରାପ୍ତ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ଯଥା ସୁନିଲ୍ କୁମାର ତାଣ୍ଡି, ଜିଲ୍ଲା ମଙ୍ଗଳ ଅଧିକାରୀ, ଦୁର୍ଗା ପ୍ରସାଦ ଦୋରା, ଗୋଷ୍ଠି ଉନ୍ନୟନ ଅଧିକାରୀ ନନ୍ଦପୁର , ଜୟନ୍ତ କୁମାର ମେହେର, ଗୋଷ୍ଠି ଉନ୍ନୟନ ଅଧିକାରୀ,ଲମତାପୁଟ, ସୁକାନ୍ତ ପଟ୍ଟନାୟକ, ଗୋଷ୍ଠି ଉନ୍ନୟନ ଅଧିକାରୀ ବୋରିଗୁମ୍ମା, ଶକ୍ତି ପ୍ରସାଦ ମହାପାତ୍ର, ଗୋଷ୍ଠି ଉନ୍ନୟନ ଅଧିକାରୀ ଜୟପୁର, ଜଶ୍ମିନ୍ ପ୍ରଧାନ, ଗୋଷ୍ଠି ଉନ୍ନୟନ ଅଧିକାରୀ ଲମତାପୁଟ, ଜାକତା ଟୁଡୁ, ରାମ କ୍ରିଷ୍ଣା ନାୟକ, ଗୋଷ୍ଠି ଉନ୍ନୟନ ଅଧିକାରୀ ପଟ୍ଟାଙ୍ଗି,ଡଃ, ଶିବ ସାଇ ସ୍ୱରୁପ, ଜଗନ୍ନାଥ ପ୍ରସାଦ ବିଷୋୟୀ, ଲତା ମଞ୍ଜୁଳା ପ୍ରଧାନ ଓ ଆକାଶ ଜେନା ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଆଇନ୍.ଟି.ଡି.ର. କାର୍ଯ୍ୟକ୍ରମ ସଂଯୋଜକ କାଶୀ ପ୍ରସାଦ ନାୟକ, ଟି. ସିତାରାମ ପାତ୍ର ଆୟୋଜନ ଓ ପରିଚାଳନା ରେ ସହଯୋଗ କରିଥିଲେ ।

## ଗୋଟିଏ ସ୍ଥାନରେ ୨ଟି ବଡ଼ ଦୁର୍ଘଟଣା : ବୋଲେରୋ ଧକ୍କାରେ ୪ ଆହତ



ଅନୁଗୁଳ,୭/୯(ନି/ପ୍ର) : ସଦର ଥାନା ଅଧୀନ ଖଣ୍ଡହତା ଛକ ନିକଟରେ ଶନିବାର ଦିନ ପୁଣି ଏକ ଦୁର୍ଘଟଣା ଘଟିଛି । ମହୀଧରପୁର ପାର୍ଶ୍ୱରୁ ଅନୁଗୁଳ ଆଡ଼କୁ ଆସୁଥିବା ବେଳେ ବୋଲେରୋ ଭାରସାମ୍ୟ ହରାଇ ଏକ ବାଇକ୍ ଗ୍ୟାରେଜ୍‌ରେ ପଶି ଯାଇଥିଲା, ଯାହା ଫଳରେ ୫ରୁ ଅଧିକ ବାଇକ୍ ଚୁରମାର ହୋଇଯାଇଥିବା ସହିତ ୪ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଆହତମାନଙ୍କର ପରିଚୟ ଜଣାପଡ଼ି ନାହିଁ । ରିପୋର୍ଟ ଲେଖାଯିବା ବେଳକୁ ଆହତମାନଙ୍କୁ ଉଦ୍ଧାର କରାଯାଇ ଅନୁଗୁଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଉଛି । ଗୋଟିଏ ଦିନରେ ଦୁଇଟି ଦୁର୍ଘଟଣା ଘଟିଲା ପରେ ସ୍ଥାନୀୟ ଉତ୍ତେଜିତ ଲୋକେ ରାସ୍ତାରୋକ କରିଛନ୍ତି । ଫଳରେ ଅନୁଗୁଳ-ମହୀଧରପୁର ରାସ୍ତାରେ ସନ୍ଧ୍ୟା ସମୟରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି । ଉତ୍ତେଜିତ ଲୋକଙ୍କୁ ପୁଲିସ ବୁଝାସୁଝା କରୁଛି । ସୂଚନାଯୋଗ୍ୟ, କିଛି ଘଟାଂ ପୂର୍ବରୁ ଖଣ୍ଡହତା ଛକ ନିକଟରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିଥିଲା । ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଅନ୍ତର୍ଗତ କରନ୍ଦା ଗାଁର ବଂଶୀଧର, କମଳା, ସୁନୀତା ଓ ନାବାଳକ ଆଜି କୌଣସି କାମରେ ଅନୁଗୁଳକୁ ଏକ ଅଟୋରେ ଆସିଥିଲେ । କାମ ସାରି ଆଜି ଅପରାହ୍ଣରେ ଘରକୁ ଫେରୁଥିଲେ । ଦିନ ପ୍ରାୟ ଅଢ଼େଇଟାରେ ସଦର ଥାନା ଖଣ୍ଡହତା ନିକଟରେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ । ସ୍ଥାନୀୟ ଲୋକଙ୍କର କହିବା ଅନୁସାରେ ଦୁର୍ଘଟଣା ଅତି ଭୟଙ୍କର ଥିଲା । ଅଟୋ ଆରୋହୀମାନଙ୍କୁ କାର ଧକ୍କା ଦେଲା ପରେ ଉଭୟ ଗାଡ଼ି ପାଣିକୁ ଖସି ପଡ଼ିଥିଲା । ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲା ।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ସୋମବାର ୮ ସେପ୍ଟେମ୍ବର ୨୦୨୫

## ଇତିହାସରୁ ବୁନ୍ଦେ : ସେହି କୁହୁଡ଼ି ଆଚ୍ଛନ୍ନ ସକାଳ

୧୯୪୭ ମସିହା ଜାନୁଆରି ପହିଲା। ନିଶାନ୍ତ ବେଳାରେ 'ଲଣ୍ଡନ ନଗରୀ', କୁଜ୍‌ଝଟିରେ ଆଚ୍ଛନ୍ନ ଥାଏ। ବାତାବରଣରେ ଥାଏ, ଶୀତର ଉପଦ୍ରବ ସହିତ ସ୍ୱାଭାବିକ ବିଷଣ୍ଣତା ଓ ବିଜନତାର ଡରଡର ଭାବ। ଘନ କୁହୁଡ଼ି ଓ ମଞ୍ଜ ଥରାଇ ଦେବା ପରି ଶୀତ, ବ୍ରିଟେନର ରାଜଧାନୀରେ କିଛି ନୂଆ କଥା ନୁହେଁ। କିନ୍ତୁ ନବ ବର୍ଷର ପ୍ରଥମ ସକାଳ ଲାଗି ତାହା ବହନ କରୁଥାଏ ଏକ ଅଶୁଭ ସଂକେତ। ସେ ସମୟରେ ଏପରି ସକାଳଟିରେ କ୍ଷେ ?ର ହେବା ପାଇଁ ପୁରୁଷ ଲୋକମାନେ ଉଷୁମ ପାଣି ମୁନ୍ଦେ ପାଉ ନଥିଲେ। ସ୍ତ୍ରୀଲୋକମାନେ ଅଟାଂ ପର୍ଯ୍ୟନ୍ତ ପୋଛି ହେବା ପାଇଁ ମଧ୍ୟ ଉଷୁମ ପାଣି ନ ଥାଏ। ଲଣ୍ଡନ ବାସିନ୍ଦାମାନେ ରାଜସରଣୀକୁ ନ ଆସି ସେମାନଙ୍କ ନବ ବର୍ଷର ପ୍ରଥମ ଦିନକୁ ପାଳନ କରୁଥାଆନ୍ତି ନିଜ ନିଜ ଶୟନ କକ୍ଷରେ। ହ୍ୱିସ୍କି ବା ଏକ ପାଉଣ୍ଡ ବଟର ଖାଲି ସାଧାରଣ ପରିବାରର ଲୋକମାନଙ୍କ ପାଇଁ ନୁହେଁ, ସଂପନ୍ନ ପରିବାର ପାଇଁ ଅପହଚଂ ହୋଇ ଯାଇଥାଏ। ଜନପଥ ପ୍ରାୟ ଶୂନଶାନ, ଅଳ୍ପ କିଛି ପଥଚାରୀ ମାତ୍ର। ସମସ୍ତେ ଯେମିତି ଗମ୍ଭୀର ଓ ବିଷଣ୍ଣ। ରାଜପଥରେ କାଁଭାଁ ଗୋଟିଏ ଗୋଟିଏ ଗାଡ଼ି କୁହୁଡ଼ି ଭିତରେ ବାରମ୍ବାର ହର୍ଣ୍ଣ ଦେଇ ଗଡୁଥାନ୍ତି। ଦ୍ୱିତୀୟ ମହାଯୁଦ୍ଧରେ ଶତ୍ରୁପକ୍ଷର ବୋମା ମାଡ଼ରେ ଧ୍ୱଂସାବଶେଷରୁ ନିର୍ଗତ ପୋଡ଼ା ଗନ୍ଧ ଭିଜା ବାୟୁମଣ୍ଡଳରେ ଝୁଲି ରହିଥାଏ। ଭାରତ ସମେତ ଅର୍ଦ୍ଧେକ ପୃଥିବୀକୁ ଶାସନ କରୁଥିବା ଦେଶର ରାଜଧାନୀ ଲଣ୍ଡନ ମହାନଗରୀର ଏଭଳି ସ୍ଥିତି। କଳକାରଖାନା ପ୍ରାୟ ସବୁ ବନ୍ଦ। କୋଇଲା ଅଭାବରୁ ବିଜୁଳିର ଅବସ୍ଥା କହିଲେ ନ ସରେ। ଏବଂ ଲଣ୍ଡନର ବାସିନ୍ଦାମାନଙ୍କ ପାଇଁ ଏହିପରି ଏକ ନବ ବର୍ଷର ସକାଳ ଆସିଥାଏ ଲଗାତାର ଅଷ୍ଟମ ଥର ପାଇଁ। ରାସନରେ ମିଳୁଥାଏ ଖାଦ୍ୟ, ପୋଷାକପତ୍ର, ଏପରିକି ଜୋତା ମଧ୍ୟ। ପୁରୁଣା ପୋଷାକ ପତ୍ର, ଛିଣ୍ଡି ଯାଇଥିବା ସାତ-ସିଆଁ-ଜୋତା ଆଦି ନ ଦେଖାଇଲେ ତାହା ପୁଣି ମିଳିବ ନାହିଁ। ଏ ସବୁ ସତ୍ତ୍ୱେ ଇଂଲିସ ଜାତି ସେ ପର୍ଯ୍ୟନ୍ତ ରହିଥାଏ ଏକ-ଚତୁର୍ଥାଂଶ ଧରଣୀର ଅଧୀଶ୍ୱର। ପ୍ରକାଶ ଥାଉ କି, ଇତିହାସର କୌଣସି କାଳଖଣ୍ଡରେ, କୌଣସି ସିଜର୍ କିମ୍ବା ଚାର୍ଲମେନ୍, ଏପରି ବିଶାଳ ସାମ୍ରାଜ୍ୟର ଅଧୀଶ୍ୱର ହୋଇପାରି ନ ଥିଲେ। ହିଟଲରଙ୍କୁ ଯୁଦ୍ଧରେ ହରାଇ ବ୍ରିଟିସମାନେ ସେମାନଙ୍କ ମୁଖ୍ୟ ସଡ଼କ ପାର୍ଶ୍ୱରେ ଦୃଷ୍ଟି ଆକର୍ଷଣ କଲା ଭଳି ସ୍ଥାନରେ 'ଭି ଫର୍ ଭିକ୍‌ଟୋରି' ବୋଲି ଲେଖିଥିଲେ ସିନା, ଖାଦ୍ୟ, ପାନୀୟ, ବିଜୁଳି ଶକ୍ତି ଓ ପୋଷାକ ପରିଧାନ ଆଦିରେ ସେମାନେ କେବେ ହେଲେ ସେହିପରି ଦୈନ୍ୟ ଦେଖି ନ ଥିଲେ। ସେ ଦିନ ଲଣ୍ଡନ ନଗରୀ ଥରୁଥିବା ବେଳେ ବ୍ରିଟେନର ରାଜାସାହେବ ଷଷ୍ଠ ଜର୍ଜ ଡାକରା ପଠାଇଥିଲେ ତାଙ୍କର ରକ୍ତ-ସଂପର୍କୀୟ ଭାଇ ମାଉଟଂବାଟେନଙ୍କୁ, ଯାହାଙ୍କ ସେନାନାୟକତ୍ୱରେ ବ୍ରିଟେନ ନୌବାହିନୀ ଜିତିଥିଲା ଦ୍ୱିତୀୟ ମହାଯୁଦ୍ଧ। ବ୍ରିଟିସ ରାଜର ହୃଦ୍‌ବୋଧ ହେଉଥାଏ ଯେ ବିଶାଳ ବ୍ରିଟିସ ସାମ୍ରାଜ୍ୟର ବିଶାଳତାରୁ କିଛି ହ୍ରାସ ନ ଘଟାଇଲେ ଆଉ ସମ୍ଭାଳି ହେବ ନାହିଁ। ଭାରତ ପରି ବିରାଟ ଦେଶ ସ୍ୱାଧୀନ ହେବା ପାଇଁ ଚାଲୁ ରଖିଥିବା ସଂଗ୍ରାମକୁ ସମ୍ମୁଖୀନ ହେବା ଓ ସ୍ଥିତି ସମ୍ଭାଳିବା ଆର୍ଥିକ ଦୃଷ୍ଟିରୁ ଅସମ୍ଭବ ଓ ନୀତି ଦୃଷ୍ଟିରୁ ଅନୁଚିତ। ବିଳମ୍ବ କରାଗଲେ, ପରିଣାମ ହୁଏତ ଅସ୍ତିତ୍ୱ-ସଂକଟ ସୃଷ୍ଟି କରିବ। ସୁତରାଂ, ଭାରତକୁ ସ୍ୱାଧୀନ କରିଦେବା ଥିଲା ବ୍ରିଟେନ ପାଇଁ ଏକ ବାଧ୍ୟବାଧକତା। ମାତ୍ର ରାଜନୈତିକ ଦୃଷ୍ଟିକୋଣରୁ ତାହା ଥିଲା ଏକ ଜଟିଳ ଓ ଦୁରୁହ ବ୍ୟାପାର। କିପରି ସମ୍ମାନର ସହ ଭାରତରୁ ଫେରି ହେବ, ତାହା ବ୍ରିଟିସ ଶାସକମାନଙ୍କୁ ଚିନ୍ତାରେ ପକାଇଥିଲା। ଅନ୍ୟଥା, ଇତିହାସର କାଠଗଡ଼ାରେ ସେମାନେ ଠିଆ ହେବେ, ଦୋଷୀ ପରି ଚିରକାଳ। କେବଳ ଲର୍ଡ ଲୁଇ ମାଉଟଂବାଟେନଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ବିଚାର ଓ ବ୍ୟବହାର ଦ୍ୱାରା ଏହା ସମ୍ଭବ ବୋଲି, ବ୍ରିଟିସ ପ୍ରଧାନମନ୍ତ୍ରୀ ଆଟଲି ସାହେବ ରାଜାଙ୍କୁ ବୁଝାଇଥିଲେ। ସେହି କାରଣରୁ ରାଜା ଷଷ୍ଠ ଜର୍ଜ, ସେ ଦିନର ସେହି ହେମାଳ କୁହୁଡ଼ି ଆଚ୍ଛନ୍ନ ନିଶାନ୍ତରେ, ତାଙ୍କର ସର୍ବାଧିକ ପ୍ରିୟ ଭାଇ ମାଉଟଂବାଟେନଙ୍କୁ ଡକାଇଥିଲେ। ଚର୍ଚ୍ଚିଲ ବା ଯାହା ବିରୋଧ କରିଥାନ୍ତେ, ଠିକ୍ ସେହି ସମୟରେ ବ୍ରିଟିସ ଜନତା କ୍ଲେମେଟଂ ଆଟଲିଙ୍କୁ ଲେବର ପାର୍ଟିକୁ ନିର୍ବାଚନରେ ଜିତାଇ ଖାଇବର ପାସ୍ ଠାରୁ କେପ୍ କାମୋରିଆ-ଇଣ୍ଡିଆ(କେରଳ) ପର୍ଯ୍ୟନ୍ତ ଜନାକୀର୍ଣ୍ଣ ବ୍ରିଟିସ ଶାସିତ ଅଂଚଳକୁ ସ୍ୱାଧୀନ କରିଦେବା ପାଇଁ ପ୍ରକାରାନ୍ତରେ ରାୟ ଦେଇଥିଲେ। ମାଉଟଂବାଟେନ ସେତେବେଳେ ଛୟାଳିଶ ବର୍ଷ ବୟସରେ। ଛଅ ଫୁଟରୁ ସାମାନ୍ୟ ଅଧିକ ଉଚ୍ଚତାର ଜଣେ ସୌମ୍ୟ ଦର୍ଶନ ମଣିଷ, ମୁହଁରେ ବୟସର ସାମାନ୍ୟ ଗାରଟିଏ ସୁଦ୍ଧା ନାହିଁ, ମାଉଟଂବାଟେନ ବୁଝି ସାରିଥିଲେ ଯେ ଏହା ଏକ ଗୁରୁ ଦାୟିତ୍ୱ। ବ୍ରିଟେନର ଅର୍ଥନୀତି ଦୁର୍ବଳ ଥିବା ଅବସ୍ଥାରେ ଭାରତକୁ ସ୍ୱାଧୀନ କରି ଦିଆଯିବ। ଏହାର ଅର୍ଥ ବ୍ରିଟେନର ଆର୍ଥିକ ଅବସ୍ଥା ଅଚିନ୍ତନୀୟ ଭାବେ ଦୟନୀୟ ହୋଇଯିବ। ଏଣେ, ସେଭଳି କରା ନ ଗଲେ ଦ୍ୱିତୀୟ ମହାଯୁଦ୍ଧ ପରେ ଭାରତକୁ ସ୍ୱାଧୀନ କରି ଦିଆଯିବାର ପ୍ରତିଶ୍ରୁତି ଭଙ୍ଗ ହେବ। ବ୍ରିଟିସ ଜାତି ମିଥ୍ୟାବାଦୀ ହେବା ସହିତ ବିଶ୍ୱସନୀୟତା ହରାଇ ବସିବ କାଳାନ୍ତର ପାଇଁ। ଅନ୍ଧାର ଟିକେ ପତଳା ହୋଇ ଆସିଥାଏ। ଏକ କଳା ରଙ୍ଗର ଅଷ୍ଟିନ କାର ଶୂନଶାନ ଥିବା ରାଜପଥରୁ ରାଜନିବାସକୁ ପ୍ରବେଶ କରେ। ସେଠାରେ ମଧ୍ୟ ବିଜନତାର ରାଜୁତି। କେବଳ ରାଜା ?ସାହେବ ଓ ରାଣୀ ଦୁଇଟି ଫୁଲତୋଡ଼ା ଧରି ବକିଂହାମ ପ୍ରାସାଦର ପ୍ରବେଶ ଦ୍ୱାରରେ ମାଉଟଂବାଟେନଙ୍କୁ ପାଛୋଟି ନେବାକୁ ଠିଆ ହୋଇଥିଲେ। ମାଉଟଂବାଟେନ ଅନୁମାନ କରି ନେଇଥିଲେ ଯେ ତାଙ୍କୁ କାହିଁକି ଡକାଯାଇଥିଲା। ତେବେ ବିଧି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ଅଟଲି କଥାକୁ ସ୍ପଷ୍ଟ କରିବାକୁ ଯାଇ କହିଥିଲେ ଯେ ରାଜାସାହେବ ଏବଂ ବ୍ରିଟିସ ଜନସାଧାରଣ ସର୍ବାନ୍ତକରଣରେ ଚାହାନ୍ତି ଯେ ଲୁଇ ମାଉଟଂବାଟେନଙ୍କୁ ଭାରତର ଭାଇସରାୟର ଦାୟିତ୍ୱ ଗ୍ରହଣ କରିବାକୁ ହେବ। ତାଙ୍କ ବ୍ୟତିରେକ ଆଉ କାହା ପକ୍ଷରେ ଏହା ସମ୍ଭବ ନୁହେଁ। ଏହିପରି ଏକ ପ୍ରସ୍ତାବନାରେ ଦ୍ୱିଧାହୀନ ସମ୍ମତି ପ୍ରଦାନ କରିଥିଲେ ମାଉଟଂବାଟେନ। କାରଣ ତା' ସହିତ ଥିଲା ପଣ୍ଡିତ ଜବାହରଲାଲଙ୍କ ବ୍ୟକ୍ତିଗତ ଅନୁରୋଧ। ଉଭୟ ହାରୋ ଓ କେଂବ୍ରିଜର ପାଠପଢ଼ା ଦିନରେ ଖୁବ୍ ଅନ୍ତରଙ୍ଗ ଥିଲେ। ଉଭୟ ପରସ୍ପରଙ୍କର ସଂକଳ୍ପ ଓ ସାମର୍ଥ୍ୟକୁ ଦୀର୍ଘ କାଳ ଧରି କଳିଥିଲେ। ଲଣ୍ଡନର ଆକାଶରେ ଫିକା ଉଜ୍ଜ୍ୱଳତା ଦିଶୁଥିଲା। ଏକ ନୂତନ ସୂର୍ଯ୍ୟୋଦୟ ଲାଗି ଭୂମି ପ୍ରସ୍ତୁତ ହେଉଥିଲା।

## ଦକ୍ଷ ବଇଦ

ସରକାରଙ୍କ ବିଶ୍ୱାସ ଯେ ମୂଲ୍ୟ ହ୍ରାସ ଘଟିବା କାରଣରୁ ଭାରତୀୟମାନଙ୍କ ନିକଟରେ ଉଦ୍‌ବୃତ ଅର୍ଥର ପରିମାଣ ବୃଦ୍ଧି ପାଇବ, ଯାହାକୁ ସେମାନେ ଅଧିକରୁ ଅଧିକ ଦ୍ରବ୍ୟ କ୍ରୟରେ ବ୍ୟୟ କରିବେ ଏବଂ ସେହି ମାର୍ଗରେ ସରକାରଙ୍କ ଆୟ ସଂକୋଚନର ଭରଣା ମଧ୍ୟ ହୋଇଯିବ। କହିବା ବାହୁଲ୍ୟ ଯେ ନୂଆ 'ଜି.ଏସ୍.ଟି.' ବ୍ୟବସ୍ଥା ଦ୍ୱାରା ଉଲ୍ଲସିତ ଭାରତୀୟଙ୍କ ଭିଡ଼ରେ ଆସନ୍ତା ପୂଜା ଓ ଦୀପାବଳିର ବଜାର ଅଣନିଃଶ୍ୱାସୀ ହୋଇ ଉଠିବ। ଗଲା ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ରାଷ୍ଟ୍ରବାସୀଙ୍କ ସକାଶେ ପ୍ରତିଶ୍ରୁତ 'ଦୀପାବଳି ଉପହାର' ଇତିମଧ୍ୟରେ ପହଚିଂଯାଇଛି; ଅର୍ଥାତ୍ 'ଗୁଡ୍‌ସ ଏଣ୍ଡ ସର୍ଭିସେସ୍ ଟ୍ୟାକ୍‌ସ'(ଦ୍ରବ୍ୟ ଓ ସେବା କର) ବା ସଂକ୍ଷେପରେ 'ଜି.ଏସ୍.ଟି.'ରେ ସରକାରଙ୍କ ପକ୍ଷରୁ ଏକ ବ୍ୟାପକ ସଂଶୋଧନ ଅଣାଯାଇ ସଭିଙ୍କ ମୁହଁରେ ହସ ଫୁଟାଇବାର ଉଦ୍ୟମ କରାଯାଇଛି। ଏହା ଦ୍ୱାରା ଜଟିଳ ବୋଲି ଆରୋପିତ ଓ ଅନୁଭୂତ 'ଜି.ଏସ୍.ଟି.' ବ୍ୟବସ୍ଥା ସରଳ ହେବା ଏବଂ ଅନେକ ଦୈନନ୍ଦିନ ବ୍ୟବହାର୍ଯ୍ୟ ଦ୍ରବ୍ୟ ଓ ଅତ୍ୟାବଶ୍ୟକ ସେବାର ଦର ଶସ୍ତା ହେବାର ମାର୍ଗ ଫିଟିଛି। ୨୦୧୭ ମସିହାରେ 'ଗୋଟିଏ ରାଷ୍ଟ୍ର, ଗୋଟିଏ ଟିକସ' ନୀତିରେ 'ଜି.ଏସ୍.ଟି.'ର ପ୍ରଚଳନ ଆରମ୍ଭ ହୋଇଥିଲେ ହେଁ ଏଥିରେ ନିହିତ ଅନେକ ଅସୁବିଧା ଓ ଜଟିଳତା ଏହାକୁ ବିବାଦୀୟ ଓ ବିରୋଧର ଶରବ୍ୟ କରିଥିଲା। କିନ୍ତୁ, ସରକାର ଏହାକୁ ଯୁଗ ପ୍ରବର୍ତ୍ତକ ସଂସ୍କାର ବୋଲି ଦର୍ଶାଇ ତହିଁରେ ବିଶେଷ କୌଣସି ପରିବର୍ତ୍ତନ ଆଣିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ। ସେହି ପରିପ୍ରେକ୍ଷୀରେ ବର୍ତ୍ତମାନ ସହସା ଏଭଳି ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ପଦକ୍ଷେପ କାହିଁକି ନିଆଗଲା, ତାହା ଅନେକତ୍ର 'ଆକଳନ, ଅନୁମାନ ଓ ଆଲୋଚନା'ର ବିଷୟ ହୋଇଛି, ଯାହାକୁ ନେଇ ଏକ କ୍ଷୁଦ୍ର ଚର୍ଚ୍ଚା ବିଶେଷ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ଏହା ସୁବିଦିତ ଯେ ୨୦୧୭ ମସିହାର 'ଜି.ଏସ୍.ଟି.' ପ୍ରାବଧାନରେ କ୍ରୟ-ବିକ୍ରୟ ଯୋଗ୍ୟ ସମସ୍ତ ଦ୍ରବ୍ୟ ଓ ସେବା ମଧ୍ୟରୁ ମାତ୍ର ୩%କୁ ଛାଡ଼ି ଦେଲେ ଅବଶିଷ୍ଟ ୯୭% ଉପରେ ଯଥାକ୍ରମେ ୫%, ୧୨%, ୧୮% ଓ ୨୮% ସଂବଳିତ ଏକ ଚାରିଥାକିଆ ଟିକସ ବ୍ୟବସ୍ଥା ଲାଗୁ କରାଯାଇଥିଲା, ଯାହା ଏହି ନୂତନ ବ୍ୟବସ୍ଥାରେ ଦୁଇଥାକିଆ ହୋଇଛି, ଯଥା କେବଳ ୫ ଓ ୧୮ ପ୍ରତିଶତ ହାରରେ ଟିକସ। ଏଥିରେ ନିତ୍ୟ ବ୍ୟବହୃତ ଯାବତୀୟ ଦ୍ରବ୍ୟ ଉପରେ ଟିକସ ମୁଖ୍ୟତଃ ୧୨% ବା ୧୮%ରୁ ୫%କୁ ହ୍ରାସ ପାଇଛି, ଯଦ୍ୱାରା ସେଗୁଡ଼ିକର ବଜାର ମୂଲ୍ୟରେ ସଂକୋଚନ ଘଟି ସାଧାରଣ ଭାରତୀୟଙ୍କୁ ବିଶେଷ ଭାବେ ଉପକୃତ କରିବ। ଉଲ୍ଲେଖଯୋଗ୍ୟ ଯେ ସଂପ୍ରତି ବିସ୍କୁଟ ବା ଚା' ବା ସାବୁନ ଭଳି ଦ୍ରୁତ ବିକ୍ରୟଶୀଳ ଦ୍ରବ୍ୟର ବ୍ୟବସାୟରେ ଆଖିଦୃଶିଆ ସ୍ଖଳନ ଘଟିଥିଲା, ଯାହାର ଏକ ମୁଖ୍ୟ କାରଣ ରୂପେ 'ଜି.ଏସ୍.ଟି.' ଉପରାନ୍ତ ଉଚ୍ଚା ମୂଲ୍ୟ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଉଥିଲା। ସେହିଭଳି ସାଧାରଣ ଭାରତୀୟଙ୍କ ଅଭିଳଷିତ ଦ୍ରବ୍ୟ ଯେମିତିକି ଏୟାର-କଣ୍ଡିସନର ବା କଂପ୍ୟୁଟର ବା ଫ୍ରିଜ ବା ଛୋଟ କାର ଇତ୍ୟାଦି ଉପରେ ପୂର୍ବର ୨୮% ଟିକସ ହାରକୁ କମାଇ ୧୮% କରାଯାଇଛି। ତେବେ, ଯାହା ନିର୍ଦ୍ଦିଷ୍ଟ ଭାବେ ଏହି ନୂତନ ବ୍ୟବସ୍ଥାର ହୃଦୟବତ୍ତାକୁ ଦର୍ଶାଏ, ତାହା ହେଲା ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, କ୍ୟାନସର ଭଳି ବ୍ୟାଧିର ଉପଚାର ସକାଶେ ଆବଶ୍ୟକ ଔଷଧ ତଥା ଜୀବନ ରକ୍ଷାକାରୀ ଆଉ ୩୩ଟି ଔଷଧ ସଂପୂର୍ଣ୍ଣ ନିଃଶୁଳ୍କ ହେବା; 'ନିଷ୍ଠୁର' ରୂପେ ଅଭିହିତ ପୂର୍ବର ବ୍ୟବସ୍ଥାରେ ଯାହା ୧୨ରୁ ୧୮ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଅଧୀନରେ ଆସୁଥିଲା। ସେହିଭଳି ଏହି ନୂଆ ବ୍ୟବସ୍ଥାରେ ସତର୍କ ଗାର୍ଜନସୁଲଭ ମନୋଭାବ ଦର୍ଶାଇ ସରକାର 'ପାପ ଦ୍ରବ୍ୟ' ରୂପେ ପରିଚିତ ସିଗାରେଟ, ବିଡ଼ି ଓ ଗୁଟଖା ଭଳି ତମାଖୁଜାତ ପଦାର୍ଥ, ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ମାତ୍ରାଧିକ ଚିନି ମିଶ୍ରିତ ମୃଦୁ ପାନୀୟ ଇତ୍ୟାଦି ଉପରେ ଅତ୍ୟୁଚ୍ଚ ୪୦% ହାରରେ ଟିକସ ଧାର୍ଯ୍ୟ କରିଛନ୍ତି। କହିବା ଅନାବଶ୍ୟକ ଯେ ଏହି ନୂଆ ବ୍ୟବସ୍ଥା ଦ୍ୱାରା କେବଳ ଗ୍ରାହକ ନୁହନ୍ତି, କ୍ଷୁଦ୍ର ଓ ମଧ୍ୟମ ସ୍ତରର ବ୍ୟବସାୟୀ, ଉଦ୍ୟୋଗୀ ଓ ଦୋକାନୀମାନେ ମଧ୍ୟ ଆଶ୍ୱସ୍ତ ହେବେ, କାରଣ ପୁରୁଣା ବ୍ୟବସ୍ଥାର ନିଘଚଂ ଜଂଜାଳରୁ ସେମାନେ ଅନେକାଂଶରେ ମୁକ୍ତ ହେବେ। କାରଣ ବିଭିନ୍ନ ଦ୍ରବ୍ୟ ଉପରେ ଭିନ୍ନ ଭିନ୍ନ ହାରରେ ଟିକସ ଲାଗୁଥିବାରୁ ଦ୍ରବ୍ୟଗୁଡ଼ିକର ବିକ୍ରୟ ପରେ ପଣ୍ୟ ଅନୁସାରେ ଟିକସର ବର୍ଗୀକରଣ କରି ପ୍ରତ୍ୟେକ ଦିନ ତାକୁ 'ଜି.ଏସ୍.ଟି.ଏଲ୍' ପୋର୍ଟାଲରେ 'ଅପଲୋଡ୍' କରିବା ଅନେକ କ୍ଷୁଦ୍ର ଓ ମଧ୍ୟମ ସ୍ତରୀୟ ବ୍ୟବସାୟୀଙ୍କ ସକାଶେ ସମୟ ଓ ବୈଷୟିକ ଜ୍ଞାନ ଦୃଷ୍ଟିରୁ ସାମର୍ଥ୍ୟ ବହିର୍ଭୂତ ହୋଇ ଉଠିଥିଲା, ଯଦ୍ୱାରା ସେମାନେ ବାଧ୍ୟ ହୋଇ ଏ ସଂକ୍ରାନ୍ତ ବିଶେଷ ଜ୍ଞାନଧାରୀଙ୍କ ଠାରୁ ଦେୟଯୁକ୍ତ ସହାୟତା ଲୋଡ଼ିବାକୁ ବାଧ୍ୟ ହେଉଥିଲେ ଏବଂ ଅଧିକ ଖର୍ଚ୍ଚାନ୍ତ ହେଉଥିଲେ। ଏଭଳି ଜଂଜାଳରେ ଅତିଷ୍ଠ ହୋଇ ଅନେକ ବ୍ୟବସାୟୀ ସେମାନଙ୍କ କାରବାର ବନ୍ଦ କରି ଦେଇଥିଲେ ବା କାରବାର ଚଳାଇ ରଖିବାର ଅସହାୟତା କାରଣରୁ ଅନେକ ବ୍ୟବସାୟ ମୁମୂର୍ଷୁ ବା ମୃତ ହୋଇ ଯାଇଥିଲେ। ସୁତରାଂ, ପ୍ରାୟ ସମସ୍ତ ବର୍ଗ ଲାଗି ଯେ ନୂତନ 'ଜି.ଏସ୍.ଟି.' ବ୍ୟବସ୍ଥା ସ୍ୱାଗତଯୋଗ୍ୟ ହୋଇଛି, ତାହା କହିବାରେ ଦ୍ୱିଧା ନାହିଁ। ସର୍ବୋଚ୍ଚ ୪୦% 'ଜି.ଏସ୍.ଟି.' ଅନ୍ତର୍ଭୁକ୍ତ ୩୫୦ ସି.ସି. ଶକ୍ତି ସଂପନ୍ନ ମୋଟର ବାଇକ୍ ଭଳି ମୁଷ୍ଟିମେୟ କିଛି ସାମଗ୍ରୀକୁ ଦର୍ଶାଇ ନୂତନ ବ୍ୟବସ୍ଥାରେ ନିହିତ ଅସାମଞ୍ଜସ୍ୟ ବିଷୟ ଯଦିଓ ଆଲୋଚିତ ହେଉଛି, ପୂର୍ବ ବ୍ୟବସ୍ଥାରେ ଥିବା ଅସାମଞ୍ଜସ୍ୟ ବହୁଳତା ତୁଳନାରେ ଏହା ନଗଣ୍ୟ। ଏବଂ ୨୦୧୭ ମସିହାରେ ଏହାର ପ୍ରଚଳନ ଦିନରୁ ହିଁ ଏହା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଚିତ୍କାର ଠାରୁ ଆରମ୍ଭ କରି ସାଧାରଣ ନାଗରିକଙ୍କ ଗୁଂଜରଣ ମାଧ୍ୟମରେ ବିରୋଧ ପ୍ରକଟ କରିଥିଲା। 'ଜି.ଏସ୍.ଟି.'ର ସଂକ୍ଷିପ୍ତ ରୂପକୁ ପରିବର୍ଦ୍ଧନ କରି ରାହୁଲ ଗାନ୍ଧୀ ତାହାକୁ 'ଗବ୍‌ବର ସିଂହ ଟ୍ୟାକସ' ବୋଲି ଅଭିହିତ ମଧ୍ୟ କରିଥିଲେ, ଯାହା ପ୍ରକାରାନ୍ତରେ 'ସୋଲେ' ଚଳଚ୍ଚିତ୍ରର ଖଳନାୟକ ଡାକୁ ଗବ୍‌ବର ସିଂହ ଦ୍ୱାରା ଅସହାୟ ରାମଗଡ଼ ଗ୍ରାମବାସୀଙ୍କ ଠାରୁ ହପ୍ତା ବା ବଟି ଅସୁଲି ଆଡ଼କୁ ଇଙ୍ଗିତ କରିଥିଲା। ତେଣୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଥାଏ ଯେ ଆଠ ବର୍ଷ କାଳ ଏଭଳି ବିରୋଧକୁ କର୍ଣ୍ଣପାତ କରି ନ ଥିବା ସରକାର ହଠାତ୍ ଏଭଳି ପଦକ୍ଷେପ ନେଲେ କାହିଁକି ? ଅନେକ ପର୍ଯ୍ୟବେକ୍ଷକଙ୍କ ଅନୁମାନ ଯେ କାରଣଟି ରାଜନୈତିକ; ଅର୍ଥାତ୍ ଉଦ୍ଦେଶ୍ୟ ହେଲା ଆଗାମୀ ବିହାର ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଭୋଟରମାନଙ୍କୁ ପ୍ରଭାବିତ କରିବା। ଆଉ ଏକ ମତ କହିଥାଏ ଯେ ଡୋନାଲ୍‌ଡ ଟ୍ରମ୍ପଙ୍କ ଟାରିଫ ଆକ୍ରମଣ ହେତୁ ଆମେରିକାରେ ରପ୍ତାନି ଅଯୋଗ୍ୟ ହୋଇପଡ଼ିଥିବା ଭାରତୀୟ ସାମଗ୍ରୀଗୁଡ଼ିକ ସକାଶେ ନିଜ ଦେଶରେ ବିକ୍ରୟ ସୁଯୋଗ ସୃଷ୍ଟି କରିବା ଲାଗି ହୁଏତ ଏହା ଏକ ଉଦ୍ୟମ। ଆଉ ଏକ ଉଲ୍ଲେଖଯୋଗ୍ୟ ବିଷୟ ହେଲା, ଏହି ପଦକ୍ଷେପ ଫଳରେ ସରକାରଙ୍କ 'ଜି.ଏସ୍.ଟି.' ଆୟରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ସଂକୋଚନ ଘଟିବ। କିନ୍ତୁ ସରକାରଙ୍କ ବିଶ୍ୱାସ ଯେ ମୂଲ୍ୟ ହ୍ରାସ ଘଟିବା କାରଣରୁ ଭାରତୀୟମାନଙ୍କ ନିକଟରେ ଉଦ୍‌ବୃତ ଅର୍ଥର ପରିମାଣ ବୃଦ୍ଧି ପାଇବ, ଯାହାକୁ ସେମାନେ ଅଧିକରୁ ଅଧିକ ଦ୍ରବ୍ୟ କ୍ରୟରେ ବ୍ୟୟ କରିବେ ଏବଂ ସେହି ମାର୍ଗରେ ସରକାରଙ୍କ ଆୟ ସଂକୋଚନର ଭରଣା ମଧ୍ୟ ହୋଇଯିବ। କହିବା ବାହୁଲ୍ୟ ଯେ ନୂଆ 'ଜି.ଏସ୍.ଟି.' ବ୍ୟବସ୍ଥା ଦ୍ୱାରା ଉଲ୍ଲସିତ ଭାରତୀୟଙ୍କ ଭିଡ଼ରେ ଆସନ୍ତା ପୂଜା ଓ ଦୀପାବଳିର ବଜାର ଅଣନିଃଶ୍ୱାସୀ ହୋଇ ଉଠିବ। ୧୯୮୫ ମସିହାରେ ଯେତେବେଳେ ଭାରତୀୟ ବଜାରରେ ପ୍ରଥମ କରି 'ହିରୋ ହୋଣ୍ଡା' ମୋଟର ସାଇକେଲର ଆବିର୍ଭାବ ଘଟିଲା, ସେତିକି ବେଳେ ତା'ର ସର୍ବାଧିକ ଆକର୍ଷଣୀୟ ବିଭାବଟି ଥିଲା ତା'ର ଇନ୍ଧନ ସାମର୍ଥ୍ୟ, ଅର୍ଥାତ୍ ମାତ୍ର ଏକ ଲିଟର ପେଟ୍ରୋଲରେ ତାହା ୮୦ କିଲୋମିଟର ପର୍ଯ୍ୟନ୍ତ ଦୌଡ଼ି ପାରୁଥିଲା। ସେହି ସମୟରେ 'ହିରୋ ହୋଣ୍ଡା' ବିଜ୍ଞାପନରେ ସ୍ଥାନିତ ଅତି ପ୍ରସିଦ୍ଧ ସ୍ଲୋଗାନଟି ଥିଲା 'ଫିଲ୍ ? ଇଟ୍ ?, ସଟ୍ ? ଇଟ୍ ? ଏଣ୍ଡ ଫରଗେଟ ଇଟ୍' ଅର୍ଥାତ୍ 'ଟାଙ୍କି ଭର, ବନ୍ଦ କର ଓ ଭୁଲି ଯାଅ'। କହିବାର ତାତ୍ପର୍ଯ୍ୟ ହେଲା ସେ ପର୍ଯ୍ୟନ୍ତ ମିତବ୍ୟୟୀ ଓ ସଂୟୀ ଭାରତ ପଇସା ବଚାଂଇବା ଉପରେ ଗୁରୁତ୍ୱ ଦେଉଥିଲା, ଯାହା ହୃଦୟଙ୍ଗମ କରି ବିଜ୍ଞାପନ ପ୍ରସ୍ତୁତକର୍ତ୍ତା ହୁଏତ ଏଭଳି ବିଜ୍ଞାପନଟିଏ ତିଆରି କରିଥିଲେ। କିନ୍ତୁ, ତା'ର ମାତ୍ର ଛଅ ବର୍ଷ ପରେ ଉଦାରୀକରଣ, ମୁକ୍ତ ବଜାର, ଇଚ୍ଛା କଲା ମାତ୍ରକେ ଦ୍ରବ୍ୟ କ୍ରୟ କରିବା ଲାଗି ସହଜ ଲଭ୍ୟ ଋଣ ଏବଂ 'ଇ.ଏମ.ଆଇ.' ମାଧ୍ୟମରେ ପରିଶୋଧ କରିବାର ସୁବିଧା ଆଦିର ସୂତ୍ରପାତ ଘଟି ଅଚିରେ ମିତବ୍ୟୟୀ ଭାରତୀୟମାନଙ୍କୁ 'ଖର୍ଚ୍ଚୀ ଭାରତୀୟ'ରେ ପରିଣତ କରିବାରେ ଲାଗିଥିଲା; ଯେଉଁଥି ଲାଗି 'ହିରୋ ହୋଣ୍ଡା' ବିଜ୍ଞାପନର ସେହି ସ୍ଲୋଗାନ କ୍ରମେ ତା'ର ପ୍ରାସଙ୍ଗିକତା ହରାଇ ବସିଥିଲା। ସୁତରାଂ, ସରକାର ସ୍ଥିର ନିଶ୍ଚିତ ଯେ ନୂଆ 'ଜି.ଏସ୍.ଟି.' ହେତୁ ଭାରତୀୟଙ୍କ ପକେଟରେ ବଳି ପଡୁଥିବା ଅର୍ଥ ପୁଣି ସେହି ବଜାରକୁ ହିଁ ଯିବ ! ଅର୍ଥାତ୍ ସରକାର ଜଣେ ଦକ୍ଷ ବଇଦ ଭଳି ଭାରତୀୟମାନଙ୍କ ନାଡ଼ି ଚିପି ଓ ସ୍ପନ୍ଦନ ମାପି ପଦକ୍ଷେପଟିଏ ନେଇଛନ୍ତି।

## ଡିଜିଟାଲ୍ ଭାରତର ଏକ ଦଶନ୍ଧି

ଦଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନଥିଲେ। ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା। ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ। ଉଦ୍ଦେଶ୍ୟ ସଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ୍ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ୍ ଭିତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା। ୨୦୧୪ରେ, ଇଟଂରନେଟ୍ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ୍ ସାକ୍ଷରତା କମ୍ ଥିଲା ଏବଂ ସରକାରୀ ସେବା ପାଇଁ ଅନଲାଇନ୍ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଏବଂ ବିବିଧ ଦେଶ ପ୍ରକୃତରେ ଡିଜିଟାଲ୍ ହୋଇପାରିବ କି ନାହିଁ। ଆଜି ଏହି ପ୍ରଶ୍ନର ଉତର ତଥ୍ୟ କିମ୍ବା ଡ୍ୟାସବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନ ଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ ଡିଜିଟାଲ ଇଣ୍ଡିଆ ସବୁଠି ରହିଛି। ଡିଜିଟାଲ ବିଭାଜନର ଦୂରୀକରଣ: ୨୦୧୪ରେ ଭାରତରେ ପ୍ରାୟ ୨୫ କୋଟି ଇଟଂରନେଟ୍ ସଂଯୋଗ ଥିଲା। ଆଜି ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି। ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର କେବୁଲ୍, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣା, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି। ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି। ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେସନ୍ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଟଂରନେଟ୍ ବର୍ତମାନ ସହରାଂଳ କେନ୍ଦ୍ରଗୁଡ଼ିକଠାରୁ ଆରମ୍ଭ କରି ଗଲୱାନ୍, ସିଆଚେନ୍ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଂଯାଇଛି। ଆମର ଡିଜିଟାଲ୍ ଭିତ୍ତିଭୂମି, ଇଣ୍ଡିଆ ଷ୍ଟାକ୍, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ୍-ଟାଇମ୍ ଡିଜିଟାଲ୍ କାରବାରର ପ୍ରାୟ ଅଧା ଭାରତରେ ହେଉଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି। ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି। ସ୍ୱାମୀତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି। ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି। ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା : ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମଏସଏମଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛି। ଓଏନଡିସି (ଓପନ୍ ନେଟୱାର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ। ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ୍) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ। ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ ବରଂ ସରକାରଙ୍କ ପାଇଁ ଟଙ୍କା ମଧ୍ୟ ସଂଚୟ କରେ। କଳ୍ପନା କରନ୍ତୁ: ଆପଣ ଅନଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି। ଆପଣଙ୍କର କ୍ରେଡିଟ ଯୋଗ୍ୟତା ଆକାଉଟଂ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି। ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତି। ଆପଣ ଜିଇଏମରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି। ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ, ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଚିଂ ପାରୁଛନ୍ତି। ଜିଇଏମ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମଏସଏମଇ ସମେତ ୨୨ ଲକ୍ଷ ବିକ୍ରେତା ୪୬,୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି। ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି: ଭାରତର ବିଶ୍ୱ ଅବଦାନ: ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) – ଯେପରିକି ଆଧାର, କୋୱିନ, ଡିଜିଲକର, ଫାସଟ୍ୟାଗ, ପିଏମ-ବାଣୀ, ଏବଂ ଏକ ରାଷ୍ଟ୍ର ଏକ ସବସ୍କ୍ରିପସନ୍ – ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି। କୋୱିନ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟି କ୍ୟୁଆର-ଯାଚଂ ପ୍ରମାଣପତ୍ର ପ୍ରଦାନ କରିଛି। ୫୪ କୋଟି ଉପଭୋକ୍ତା ଥିବା ଡିଜିଲକର ୭୭୫ କୋଟିରୁ ଅଧିକ ଡକ୍ୟୁମେଟଂକୁ ସୁରକ୍ଷିତ ଏବଂ ସୁଗମ ଭାବରେ ପରିଚାଳିତ କରୁଛି। ଭାରତ ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ୍ ଡିପିଆଇ ରିପୋଜିଟୋରୀ ଏବଂ ୨୫ ନିୟୁତ ଡଲାରର ସାମାଜିକ ପ୍ରଭାବ ପାଣ୍ଠି ଆରମ୍ଭ କରିଛି, ଯାହାଦ୍ୱାରା ଆଫ୍ରିକା ଏବଂ ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ସମନ୍ୱିତ ଡିଜିଟାଲ୍ ଇକୋସିଷ୍ଟମ ଗ୍ରହଣ କରି ପାରିବେ। ଷ୍ଟାର୍ଟଅପର ଶକ୍ତି ଏବଂ ଆତ୍ମନିର୍ଭର ଭାରତ : ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି। କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢୁଛି। ୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ, ଭାରତ ବିଶ୍ୱସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪, ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘ[। ପ୍ରତି ୧ ଡଲାରରୁ କମରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇ[ରନେଟ୍ ଅର୍ଥବ୍ୟବସ୍ଥା ନୁହେଁ ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି। ଭାରତ ମାନବିକତା ଆଧାରିତ ଏଆଇକୁ ସମର୍ଥନ କରିଛି। ଏଆଇ ଉପରେ ନୂଆଦିଲ୍ଲୀ ଘୋଷଣାନାମା ଦାୟିତ୍ୱ ସହିତ ନବସୃଜନକୁ ପ୍ରୋତ୍ସାହିତ କରେ। ସାରା ଦେଶରେ ଏଆଇ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି। ଆଗକୁ ଯିବାର ମାର୍ଗ : ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବ। ଆମେ ଡିଜିଟାଲ୍ ପ୍ରଶାସନ ଠାରୁ ଡିଜିଟାଲ୍ ନେତୃତ୍ୱ ଦିଗରେ ଆଗକୁ ବଢୁଛୁ। ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର ଦି ୱାର୍ଲ୍ଡ ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି। ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ: ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସଭିଙ୍କୁ ସଶକ୍ତ କରିବ ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର କରିବା ଯାହା ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ଆମେ ଏପରି ପ୍ରଯୁକ୍ତିବିଦ୍ୟା ସହିତ ନେତୃତ୍ୱ ନେବା ଯାହା ସମସ୍ତଙ୍କୁ ଏକତ୍ରିତ କରିବ, ଅନ୍ତର୍ଭୂକ୍ତୀକରଣକୁ ବଢ଼ାଇବ ଏବଂ ସାମଗ୍ରୀକ ବିକାଶ ଆଣିପାରିବ।

## ବିଳାସରେ ମିତବ୍ୟୟିତା

ଗ୍ରୀଷ୍ମ ଋତୁରେ ଘୋର ବିଦ୍ୟୁତ୍ ଅଭାବର ସମ୍ମୁଖୀନ ହେଉଥିବା ସରକାର ବିଦ୍ୟୁତ୍ ସଂଚୟ ଏବଂ ବିଦ୍ୟୁତ୍ ବିଲ୍ ହ୍ରାସ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସରକାର ଏବେ ଏୟାର କଣ୍ଡିସନର(ଏସି)ର ତାପମାତ୍ରା ସ୍ଥିର କରିବା ସମ୍ପର୍କରେ ଏକ ନୂତନ ନିୟମ ଲାଗୁ କରିବାକୁ ଯୋଜନା କରୁଛନ୍ତି। ଏହି ଯୋଜନା ଲାଗୁ ହେଲେ ଏସିର ତାପମାତ୍ରା ୨୦ ଡିଗ୍ରୀରୁ କମ୍ ଏବଂ ୨୮ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରଖିହେବ ନାହିଁ। ଏହି ନିୟମ ସମସ୍ତ ଘର, କାର୍ଯ୍ୟାଳୟ, ଦୋକାନ, ମଲ୍, ହୋଟେଲ, ରେଷ୍ଟୁରାଟଂ ଓ ଯାନବାହନ ପାଇଁ ପ୍ରଯୁଜ୍ୟ। ପ୍ରାୟତଃ ଦେଖାଯାଇଛି ଯେ ଗ୍ରୀଷ୍ମ ଋତୁରେ ଏସି ବ୍ୟବହାର ଏବଂ ଏହାର ତାପମାତ୍ରା ୧୬ ଡିଗ୍ରୀ ପର୍ଯ୍ୟନ୍ତ ରଖିବା ଯୋଗୁଁ ବିଦ୍ୟୁତ୍ ବ୍ୟବହାର ନିରନ୍ତର ବୃଦ୍ଧି ପାଉଛି। ବର୍ତମାନ ବଜାରରେ ଉପଲବ୍ଧ ଅଧିକାଂଶ ଏସି ୧୬ଡିଗ୍ରୀରୁ ୩୦ ଡିଗ୍ରୀ ପର୍ଯ୍ୟନ୍ତ ସ୍ଥିର କରାଯାଇପାରିବ, କିନ୍ତୁ ନୂତନ ନିୟମ ଲାଗୁ ହେବା ପରେ ଏହି ସୀମା ୨୦ ରୁ ୨୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସ୍ଥିର ରହିବ। ପ୍ରଥମ ଥର ପାଇଁ ନିଆଯାଇଥିବା ଏହି ପଦକ୍ଷେପ କେବଳ ବିଦ୍ୟୁତ୍ ବିଲ୍ ସଂଚୟ କରିବ ନାହିଁ ବରଂ ଦୀର୍ଘକାଳୀନ ଭିତ୍ତିରେ ଦେଶ ଏବଂ ରାଜ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ। ପ୍ରକୃତରେ ବିଦ୍ୟୁତ୍ ବିଲ୍ ହ୍ରାସ ଏବଂ ପରିବେଶର ସୁରକ୍ଷା ପାଇଁ 'ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି' ୨୦୨୦ ରେ ସମସ୍ତ ଷ୍ଟାର ଲେଭଲ ଏସି ପାଇଁ ସର୍ବନିମ୍ନ ତାପମାତ୍ରା ୨୪ଡିଗ୍ରୀରେ ରଖିବାକୁ ସ୍ଥିର କରିଥିଲା। କିନ୍ତୁ ସରକାର ସମସ୍ତ କ୍ଷେତ୍ରରେ ଏସି ତାପମାତ୍ରା ନିର୍ଦ୍ଧାରଣ ନିୟମକୁ ଅଧିକ କଠୋର ଭାବରେ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି। ଏହି ପଦକ୍ଷେପ ଏବେ ପରୀକ୍ଷଣ ଭାବରେ ଆରମ୍ଭ କରାଯାଉଛି ଏବଂ ନିଶ୍ଚିତ ଭାବେ ଭବିଷ୍ୟତରେ ବାଧ୍ୟତାମୂଳକ କରାଯିବ। ସରକାର ଖୁବ୍ ଶୀଘ୍ର ସମସ୍ତ ଏସି ନିର୍ମାତା ଏବଂ ବାଣିଜ୍ୟିକ କୋଠାଗୁଡ଼ିକୁ ସ୍ୱତନ୍ତ୍ର ପରାମର୍ଶ ଜାରି କରିବାର ସମ୍ଭାବନା ଅଛି। ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏହା ବହୁତ ଲାଭଦାୟକ ହୋଇପାରେ। ଯଦି ଦେଶର ଅଧିକାଂଶ ଗ୍ରାହକ ଏହାକୁ ନିୟମିତ ବ୍ୟବହାର କରନ୍ତି ତେବେ ଏହା କୋଟି କୋଟି ୟୁନିଟ୍ ବିଦ୍ୟୁତ୍ ସଂଚୟ କରିପାରିବ। ସାଧାରଣରେ ବିଶ୍ୱାସ କରାଯାଏ ଯେ ଏସିର ତାପମାତ୍ରା ୧୮ଡିଗ୍ରୀ ରଖିବା ଦ୍ୱାରା କୋଠରି ଶୀଘ୍ର ଥଣ୍ଡା ହେବ। ଏହି କ୍ଷେତ୍ର ସହିତ ଜଡ଼ିତ ବିଶେଷଜ୍ଞମାନେ କୁହନ୍ତି ଯେ ଏହି ବିଶ୍ୱାସ ଭୁଲ। ଯଦି ବାହାରେ ତାପମାତ୍ରା ୪୦ ଡିଗ୍ରୀ ଥାଏ ତେବେ କୋଠରିକୁ ୨୬ ଡିଗ୍ରୀରେ ପହଚିଂବାକୁ ସମାନ ସମୟ ଲାଗିବ, ଏସିର ତାପମାତ୍ରା ୧୮ ଡିଗ୍ରୀ ହେଉ ବା ୨୬ ଡିଗ୍ରୀ। ନିଶ୍ଚିତ ଭାବରେ ୧୮ଡିଗ୍ରୀରେ କୋଠରି ପରେ ଅଧିକ ଥଣ୍ଡା ରହିବ। କିନ୍ତୁ ଆପଣଙ୍କୁ କମ୍ ତାପମାତ୍ରା ପାଇଁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ। ଏସିର ତାପମାତ୍ରା ଯେତେ କମ୍ ହୁଏ କମ୍ପ୍ରେସର ଅଧିକ ସମୟ ପାଇଁ କାମ କରେ। ଏହାର ଅର୍ଥ ଅଧିକ ବିଦ୍ୟୁତ୍ ବ୍ୟବହାର ହୁଏ। ଅନ୍ୟପକ୍ଷରେ ଯଦି ଆପଣ ଏସିର ତାପମାତ୍ରା ୨୪ ଡିଗ୍ରୀ କରନ୍ତି ତେବେ କମ୍ପ୍ରେସରକୁ କମ୍ ସମୟ ପାଇଁ କାମ କରିବାକୁ ପଡ଼େ, ଯାହା ବିଦ୍ୟୁତ୍ ବ୍ୟବହାର ହ୍ରାସ କରେ। ଇଚ୍ଛିତ ତାପମାତ୍ରା ପହଂବା ମାତ୍ରେ କମ୍ପ୍ରେସର କାମ କରିବା ବନ୍ଦ କରିଦେଇ କେବଳ ଏସି ଫ୍ୟାନ୍ କାମ କରେ। କମ୍ପ୍ରେସର କେବଳ ସେତେବେଳେ କାମ କରେ ଯେତେବେଳେ ଥର୍ମୋସେଟ୍ ? ? ତାପମାତ୍ରା ବୃଦ୍ଧିର ସଙ୍କେତ ପାଏ। ବିଶେଷଜ୍ଞଙ୍କ କହିବା ଅନୁସାରେ ୨୪ ଡିଗ୍ରୀ ତାପମାତ୍ରା ମଧ୍ୟ ଆରାମଦାୟକ। ଯଦି ବାହାରେ ଆର୍ଦ୍ରତା ଅଧିକ ଥାଏ ଏହା ୧୮ କିମ୍ବା ୨୨ ଡିଗ୍ରୀ ତାପମାତ୍ରା ତୁଳନାରେ କମ୍ ଶକ୍ତି ବ୍ୟବହାର କରେ। ଏକ ଅଧ୍ୟୟନ ଅନୁଯାୟୀ ଏସିର ତାପମାତ୍ରାରେ ପ୍ରତ୍ୟେକ ଡିଗ୍ରୀ ବୃଦ୍ଧି ୩ରୁ ୫ ପ୍ରତିଶତ ବିଦ୍ୟୁତ୍ ସଂଚୟ କରିପାରିବ। ଯଦି ଏସିର ତାପମାତ୍ରା ୧୮ ଡିଗ୍ରୀରୁ ୨୭ ଡିଗ୍ରୀକୁ ବୃଦ୍ଧି କରାଯାଏ ତେବେ ବାର୍ଷିକ ୬୫୦୦ଟଙ୍କା ପର୍ଯ୍ୟନ୍ତ ସଂଚୟ କରାଯାଇପାରିବ। ଏହାସହିତ ଏହି ସମୟ ମଧ୍ୟରେ ପ୍ରଚୁର ପରିମାଣର ଶକ୍ତି ମଧ୍ୟ ସଂୟ କରାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ ଏସିରେ କେବଳ ନିର୍ଦ୍ଧାରିତ ତାପମାତ୍ରା ମାଧ୍ୟମରେ ବିଦ୍ୟୁତ୍ ସଂଚୟ ହୁଏ ନାହିଁ, ବରଂ ଷ୍ଟାରରେଟିଂ, ବାହାର ତାପମାତ୍ରା, ଏସି ବ୍ୟବହାରର ଅବଧି, କୋଠରିର ଆକାର, କୋଠରିରେ ଥିବା ଲୋକଙ୍କ ସଂଖ୍ୟା ଇତ୍ୟାଦି କାରଣ ଉପରେ ନିର୍ଭର କରେ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଏସିର ତାପମାତ୍ରା ୨୦ ଡିଗ୍ରୀରୁ ୨୮ ଡିଗ୍ରୀ ମଧ୍ୟରେ ରଖିବା ଲାଭଦାୟକ। ପରିସଂଖ୍ୟାନ ଅନୁଯାୟୀ, ଭାରତରେ ଏସିର ସଂଖ୍ୟା ପ୍ରାୟ ୧୦ କୋଟି ଏବଂ ପ୍ରତିବର୍ଷ ପ୍ରାୟ ୧.୫କୋଟି ଏସି ଲଗାଯାଉଛି। ଯଦି ଏସିର ତାପମାତ୍ରା ଗୋଟିଏ ଡିଗ୍ରୀ ବୃଦ୍ଧି କରାଯାଏ ତେବେ ଏହା ଶକ୍ତି ବ୍ୟବହାରକୁ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରେ ଏବଂ ଆମେ ପ୍ରତିବର୍ଷ ଲକ୍ଷ ଲକ୍ଷ ଗିଗାୱାଟ ବିଦ୍ୟୁତ୍ ସଂଚୟ କରିପାରିବା।

Printed, Published,Edited and Owned by Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com ( ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସମ୍ପାଦନା ପାଇଁ ପି.ଆର.ବି. ଆକ୍ଟ ଅନୁସାରେ ଓ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକା ଅଧୀନରେ ହିଁ ହେବ । ) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003




# ସେଲ୍‌ର ଘରୋଇକରଣକୁ ବିରୋଧ ସହିତ ମୋଦି ସରକାରଙ୍କ ରାଷ୍ଟ୍ର ବିରୋଧୀ ଘରୋଇକରଣର ବିରୋଧ




ରାଉରକେଲା ,୭/୯(ନି/ପ୍ର): ରାଉରକେଲା ଭଞ୍ଜଭବନ ପରିସରରେ ଷ୍ଟିଲ୍ ୱାର୍କର୍ସ ଫେଡେରେସନ ଅଫ୍ ଇଣ୍ଡିଆର ଦଶମ ଜାତୀୟ ସମ୍ମିଳନୀକୁ ନେଇ କମିଟିର ଅଧ୍ୟକ୍ଷ ତପନ ସେନ୍ ସାମ୍ବାଦିକମାନଙ୍କୁ କହିଥିଲେ ଯେ, ମୋଦି ସରକାରଙ୍କ ରାଷ୍ଟ୍ର ବିରୋଧୀ ଘରୋଇକରଣ ରାଜନୈତିକ କ୍ଷେତ୍ର ସମେତ ଇସ୍ପାତ କାରଖାନାର ଘରୋଇକରଣ କରିବାର ଷଡ଼ଯନ୍ତ୍ରକୁ ସେମାନେ ବିରୋଧ କରୁଛନ୍ତି। ଲୁହା ଏବଂ ଇସ୍ପାତ ହେଉଛି ଉତ୍ପାଦନର ଜୀବନରେଖା ଏବଂ ଏହା ବିନା କୌଣସି ପ୍ଲାଂଟ ଚାଲିପାରିବ ନାହିଁ। ବିଶେଷକରି ସୁନ୍ଦରଗଡ଼ ଜିଲ୍ଲାର ସେଲ୍ ବରସୁଆଁ, ଟେନ୍ସା, କାଲଟା ଖଣି ଅଂଚଳ ଯୋଗୁଁ ଲୁହା ଏବଂ ଇସ୍ପାତ କାରଖାନା ଚାଲିଛି। ସେଠାକାର ଲୋକମାନେ ମୌଳିକ ସୁବିଧା ପାଉନାହାଁନ୍ତି। ବିଶେଷକରି ଶ୍ରମିକ ଏହି ସୁବିଧାରୁ ବଂଚିତ ହେଉଛନ୍ତି। ଏହି ସରକାର କେବଳ ଆଦାନୀ ଏବଂ ଅମ୍ବାନୀଙ୍କୁ ଦେଖୁଛି ଏବଂ ଶିଳ୍ପପତିଙ୍କ ଇଙ୍ଗିତରେ କାମ କରୁଛି।ସେମାନେ ସେଲ୍ ପ୍ଲାଂଟର ଆଧୁନିକୀକରଣକୁ ବିରୋଧ କରୁନାହାନ୍ତି । ମଡର୍ଣ୍ଣାଇଜେସନ୍ ହେବା ଉଚିତ କିନ୍ତୁ ଘରୋଇକରଣ ହେବା ଉଚିତ୍ ନୁହେଁ। ଆଧୁନିକୀକରଣର ଆଳ ଦେଖାଇ ଆମେ ଘରୋଇକରଣର ଷଡ଼ଯନ୍ତ୍ର ହେବାକୁ ଦେବୁ ନାହିଁ ବୋଲି ଷ୍ଟିଲ ୱାର୍କର ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଆଜି ଆଦାନୀଙ୍କ ଇଙ୍ଗିତରେ ଖଣି ଦିଆଯାଉଛି। ସିଆଇଟିୟୁ ସବୁବେଳେ ଘରୋଇକରଣକୁ ବିରୋଧ କରିବ, ଯାହାର ଏକ ପ୍ରମୁଖ ଉଦାହରଣ ହେଉଛି ଭାଇଜାଗ୍ ଷ୍ଟିଲ୍ ପ୍ଲାଂଟ। ଏହି ପ୍ଲାଂଟକୁ ବନ୍ଦ କରିବା ପାଇଁ ଏକ ଷଡ଼ଯନ୍ତ୍ର କରାଯାଉଛି, ଶ୍ରମିକମାନଙ୍କୁ ମୌଳିକ ସୁବିଧା ଦିଆଯାଉନାହିଁ। କେବଳ ଘରୋଇକରଣ ମାଧ୍ୟମରେ ଖଣିଗୁଡ଼ିକୁ ଚଲାଇବା ପାଇଁ ପ୍ରୟାସ କରାଯାଉଛି। ଶ୍ରମିକମାନଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ପ୍ଲାଂଟକୁ ବନ୍ଦ କରିବା ପାଇଁ ଏକ ଷଡ଼ଯନ୍ତ୍ର କରାଯାଉଛି। ସିଆଇଟିୟୁ ସ୍ୱାକ୍ଷର କରିନଥିବା କାମ ପାଇଁ ଏକ ଗଡଟ କରାଯାଇଛି। ଠିକା ଶ୍ରମିକମାନଙ୍କୁ ମଧ୍ୟ ନିୟମିତ କରାଯାଉନାହିଁ। ୩୭ ମାସର ବକେୟା ପାଉଣା ଏବଂ ଅନ୍ୟାନ୍ୟ ପ୍ରାପ୍ୟ ସହିତ କାମ ପାଇଁ ମଜୁରୀ ବୃଦ୍ଧି କରାଯିବା ଉଚିତ। ଶ୍ରମିକମାନଙ୍କୁ ସମସ୍ତ ପ୍ରକାରର ମୌଳିକ ସୁବିଧା ମିଳିବା ଉଚିତ, ଯାହା ହେଉନାହିଁ। ଇସ୍ପାତ କାରଖାନାରେ ଠିକାଦାର ପରିବର୍ତ୍ତନ ଯୋଗୁଁ, ଶ୍ରମିକମାନଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଏ, ଯାହା ହେବା ଉଚିତ୍ ନୁହେଁ, ବିଶେଷକରି ସୁନ୍ଦରଗଡ଼ ଜିଲ୍ଲା ଏକ ଖଣି ଅଂଚଳ, ଯେଉଁଠାରେ ମାନୁଆଲ୍ କାମ କରାଯିବା ଉଚିତ, ଶ୍ରମିକମାନଙ୍କୁ ଲୋଡିଂ ଏବଂ ଅନଲୋଡିଂରେ ନିୟୋଜିତ କରାଯିବା ଉଚିତ। ଆମେ କେବେବି ୫ଇଓଖକୁ ଘରୋଇକରଣ କରିବାରେ ମୋଦି ସରକାରଙ୍କ ଷଡ଼ଯନ୍ତ୍ରକୁ ସଫଳ ହେବାକୁ ଦେବୁ ନାହିଁ ବୋଲି ଷ୍ଟିଲ୍ ୱାର୍କର ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଆଜି ଷ୍ଟିଲ୍ ୱାର୍କର ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ସଭାପତି ତପନ ସେନ୍, ସାଧାରଣ ସମ୍ପାଦକ ଲଳିତ ମିଶ୍ର, ସିଆଇଟିୟୁ ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି, ବିମାନ ମାଇତିଙ୍କ ସହିତ ଆଦିତ୍ୟ ରାମ, ବି.ଡି. ପ୍ରସାଦ, ବିଶ୍ୱରୂପ ବାନାର୍ଜୀ, ପି. ପରମେଶ୍ୱରମ୍, ସୁରେଶ କୁମାର, ପ୍ରଯୁକ୍ତ ବାନାର୍ଜୀ, ପ୍ରସନଜିତ ମଣ୍ଡଳ, ବସନ୍ତ ନାୟକ, ପ୍ରମୋଦ ସାମଲ, ରାଜକିଶୋର ପ୍ରଧାନ ଏହି ବୈଠକରେ ଉପସ୍ଥିତ ଥିଲେ। ଭାରତୀୟ ଇସ୍ପାତ ମହାସଂଘର ଦଶମ ସମ୍ମିଳନୀର ଦ୍ୱିତୀୟ ଦିନରେ ଦେଶର ଅନେକ ରାଜ୍ୟର ଶ୍ରମିକ ନେତାମାନେ ଉପସ୍ଥିତ ଥିଲେ।

# ଟ୍ରେଲର-ମଟର ସାଇକେଲ ଧକ୍କା, ୨ ମୃତ



ରାଜଗାଙ୍ଗପୁର,୭/୯(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ଓଭରବ୍ରିଜ ନିକଟରେ ଏକ ଦୁର୍ଘଟଣା ଘଟିଛି। ଛିଡ଼ା ହୋଇଥିବା ଅବସ୍ଥାରେ ରାସ୍ତାରେ ରହିଥିବା ଏକ ଟ୍ରେଲର ସହ ମଟର ସାଇକେଲ ଧକ୍କା ହେବା ଫଳରେ ଦୁଇ ବାଇକ୍ ଆରୋହୀ ମୃତ୍ୟୁ ବରଣ କରିଛନ୍ତି। ଦୁର୍ଘଟଣାରେ ବାଇକ୍ ଆରୋହୀ ଦ୍ୱୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ରାଜଗାଙ୍ଗପୁର ପୋଲିସ ଆହତ ଙ୍କୁ ଉଦ୍ଧାର କରି ତୁରନ୍ତ ସରକାରୀ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ଡାକ୍ତରମାନେ ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ରାଜଗାଙ୍ଗପୁର ପୋଲିସ ଘଟଣା ସ୍ଥଳରେ ପହଂଚି ଟ୍ରେଲରକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ମଟର ସାଇକେଲ ଓ ଟ୍ରେଲର ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟଣା ଏହି ଅଂଚଳରେ ପୁଣିଥରେ ସଡ଼କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଭରବ୍ରିଜ ନିକଟରେ ପ୍ରାୟତଃ ଭାରି ଯାନବାହନ ବିନା ସୁରକ୍ଷାରେ ରଖାଯାଉଥିବାରୁ ଦୁର୍ଘଟଣାର ସମ୍ଭାବନା ବଢୁଛି। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ପଶ୍ଚିଂମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ସିଭିକ୍ ସେଂଟରରେ ନୂଆଖାଇଁ ଭେଟ୍‌ଘାଟର ଶୁଭାରମ୍ଭ କଲେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଓ ଅନ୍ୟାନ୍ୟ ଅତିଥିଗଣ

# ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦ ପକ୍ଷରୁ ରାଉରକେଲାରେ ନୂଆଖାଇ ଭେଟଘାଟ୍

ରାଉରକେଲା,୭/୯: ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦ ପକ୍ଷରୁ ଆଜି ରାଉରକେଲାରେ ନୂଆଖାଇ ଭେଟଘାଟ - ୨୦୨୫ ପାଳନ କରାଯାଇଛି। ଏହି ଅବସରରେ ଇସ୍ପାତ ସହରର ସିଭିକ୍ ସେଂଟର୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେଇ ନିଜ ନିଜର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦର ସଭାପତି ସ୍ୱରୂପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନୂଆଖାଇ ଭେଟଘାଟର ପ୍ରଥମ ଚରଣରେ ପୁରୁଖା ସଦସ୍ୟଙ୍କୁ ବାଦ୍ୟ ସହିତ ପୁଷ୍ପଗୁଚ୍ଛ, ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯିବା ପରେ ମାଆ ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ନବାନ୍ନ ଲାଗି କରାଯାଇଥିଲା। ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦର ସ୍ୱର୍ଗତଃ ପୁରୁଖା ସଦସ୍ୟଙ୍କ ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ବଲପୁରୀ ନୃତ୍ୟ ଓ ଗୀତରେ ଦୁଲିକି ଉଠିଥିଲା ମଂଚ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦ ଏକ ଅଗ୍ରଣୀ ସାଂସ୍କୃତିକ ସଂଗଠନ, ପଶ୍ଚିମ ଓଡିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହିତ ଓଡିଶାର ପରମ୍ପରାକୁ ବଜାୟ ରଖିବା ସହ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଏହି ସଂଗଠନର ଉଦ୍ୟମ ବେଶ୍ ପ୍ରଶଂସନୀୟ। ଏହାର ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଏହା ସାମଗ୍ରିକ ବିକାଶରେ ସହାୟକ ହେବା ପାଇଁ ସେ ଆଶା ପ୍ରକଟ କରିଛନ୍ତି। ସେହିପରି ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦକୁ ତାଙ୍କର ଏହି କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ।



# ଶ୍ରୀ ଶ୍ରୀ ଗଣେଶ ପୂଜା କମିଟି ସିଭିଲ୍ ଟାଉନସିପ୍‌ର ବିସର୍ଜନ ଶୋଭାଯାତ୍ରା



ରାଉରକେଲା ,୭/୯(ନି/ପ୍ର):ଶ୍ରୀ ଶ୍ରୀ ଗଣେଶ ପୂଜା କମିଟି ସିଭିଲ୍ ଟାଉନସିପ୍ ମେସେଜ୍ ପଟେଲ ହସ୍ପିଟାଲ ସମ୍ମୁଖରେ ଥିବା କମ୍ୟୁନିଟି ହଲ୍ ପରିସରରେ ଗତ ୧୦ ଦିନ ଧରି ଆୟୋଜିତ ଗଣେଶ ପୂଜା ପରେ, ଶନିବାର ସନ୍ଧ୍ୟାରେ କମିଟି ଦ୍ୱାରା ଡ୍ରମ୍ ଏବଂ ସଂଗୀତ ସହିତ ଏକ ବିଶାଳ ବିସର୍ଜନ ଶୋଭାଯାତ୍ରା ବାହାର କରାଯାଇଥିଲା। ଏହି ବିସର୍ଜନ ଶୋଭାଯାତ୍ରାରେ ସିଭିଲ୍ ଟାଉନସିପ୍ ରୁ ଶହ ଶହ ଲୋକ ଏବଂ ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ। ଗଣପତି ବାବା ମୋରିଆଙ୍କ ଗାନ କରି, ଆସନ୍ତା ବର୍ଷ ତୁମେ ଶୀଘ୍ର ଆସ, ମୋରିଆରେ ମୋରିଆରେ ଗଣପତି ବାବା ମୋରିଆରେ ସ୍ଲୋଗାନ ଦେଇ, ସିଭିଲ୍ ଟାଉନସିପ୍ ଅଂଚଳ ପରିକ୍ରମା କରିବା ପରେ, ଡ୍ରମ୍ ଏବଂ ସଂଗୀତ ସହିତ ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ବଂଟନ କରାଯାଇଥିଲା। ବିସର୍ଜନ ଶୋଭାଯାତ୍ରା ସମୟରେ ଅନେକ ଭକ୍ତ ଭକ୍ତମାନଙ୍କ ମଧ୍ୟରେ ଫଳ, ମିଠା ଏବଂ ଖାଦ୍ୟ ବଂଟନ କରାଯାଇଥିଲା। ଶ୍ରୀ ଶ୍ରୀ ଗଣେଶ ପୂଜା କମିଟିର ଅଧ୍ୟକ୍ଷ ଆକାଶ ଅଗ୍ରୱାଲ, କମିଟିର ସଭାପତି ସଞ୍ଜିତ ସିଂହ, ଉପାଧ୍ୟକ୍ଷ ମନୀଷ ଅଗ୍ରୱାଲ, ସମ୍ପାଦକ ବିକାଶ ଶର୍ମା ଏବଂ ସକ୍ରିୟ ସଦସ୍ୟ ଅମିତ ଗୁପ୍ତା, ଅଭିଷେକ ଅଗ୍ରୱାଲ, ସମିତ ଅଗ୍ରୱାଲ, ଚିଣ୍ଟୁ, ହରିଶ କୟାଲ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। କମିଟି ଦ୍ୱାରା ବାଲୁ ଘାଟର କୃତ୍ରିମ ପୋଖରୀରେ ପୂଜା ପରେ, ଏକ କ୍ରେନ୍ ସାହାଯ୍ୟରେ ଗଣେଶଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ବାଲୁ ଘାଟର କୃତ୍ରିମ ପୋଖରୀରେ ବିଦ୍ୟୁତ୍, ପାଣି ଏବଂ ଆଲୋକର ବ୍ୟବସ୍ଥା କରିଥିଲା। ବାଲୁଘାଟରେ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଥିବା ଦେଖାଯାଇଥିଲା।

# ରାଏବଗା ଲେମ୍ପ୍‌ସରେ ୯୭.୬୦ ହଜାର ଟଙ୍କା ଦୁର୍ନୀତି ମାମଲାର କାଉନସିଲରେ ପାଟିତୁଣ୍ଡ ହେବାରୁ ହେଲା ସ୍ଥଗିତ

ରାଜଗାଙ୍ଗପୁର,୭/୯(ନି/ପ୍ର): ରାଉରକେଲା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟରେ ଶନିବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏଆରସିଏସ୍ ତଥା ମାମଲାର ତଦନ୍ତକାରୀ ଅଧିକାରିଣୀ ସୁଚିସ୍ମିତା ସାଏ ଙ୍କ ତତ୍ତ୍ୱାବଧାନରେ ଏହି ସଭା ହୋଇଥିଲା। ଏଥିରେ ରାଏବଗା ଲ୍ୟାସରେ ହୋଇଥିବା – ଦୁର୍ନୀତି ଉପରେ ତର୍ଜମା କରାଯାଇଥିଲା। ରାଏବଗା ଲେମ୍ପ୍‌ସର ୧୫ ଜଣିଆ କମିଟି ଦୁଇଟି ଗୋଷ୍ଠୀରେ ଭାଗ ହୋଇ ପରସ୍ପର ବିରୋଧରେ ଅଭିଯୋଗ ଆଣିବାରୁ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଫଳରେ ସଭାକୁ ସ୍ଥଗିତ ରଖାଯାଇଥିଲା। ସୂଚନାଯୋଗ୍ୟ, ରାଏବଗା ଲ୍ୟାମ୍ପ ରେ ୯୭.୬୦ଲକ୍ଷ ଟଙ୍କା ହେର ଫେର କରାଯାଇଥିବା ନେଇ ଜିଲାପାଳ ଲଙ୍କ ନିକଟ ରେ ଅଭିଯୋଗ ହୋଇଥିଲା। ସୁନ୍ଦରଗଡ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଲ୍ୟାମ୍ପ୍‌ସର ବାର୍ଷିକ ବଜେଟ – ଉପରେ ଡିଆରସିସିଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏକ ସ୍ୱତନ୍ତ୍ର ଅଡିଟ୍ ହୋଇଥିଲା ଏଥିରେ ବ୍ୟାପକ ଦୁର୍ନୀତି ହୋଇଥି। ଜଣାପଡିବା ପରେ ରାଉରକେଲା ଭିଜିଲାନ୍ସ ବିଭାଗକୁ ଏହି ମାମଲା ହସ୍ତାନ୍ତର କରାଗଲା ଭିଜିଲାନ୍ସ ତଦନ୍ତରେ ବ୍ୟାପକ ଦୁର୍ନୀତି ଜଣାପଡିଲା ପରେ ଗତ ତା.୨୮ ୨୩।୨୫ରିଖରେ ଲ୍ୟାମ୍ପ୍ସ ଏମ୍‌ଡି ଚିତରଞ୍ଜନ ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ପ୍ରାଏ ୪୫ ଦିନ ପରେ ସେ ଜାମିନରେ ମୁକୁଳିବା ପରେ ତା.୨୮ ୩୭ ୧୯୮ ରିଖ ଓ ତା.୨୯ ।୭।୨୫ରିଖ ଦୁଇଦିନ ଧରି ରାଏବଗା ଲ୍ୟାମ୍ ?ସ ଦାୟିତ୍ୱ କିପରି ତୁଲାଇଲେ। ଏହାକୁ ନେଇ ବିଭାଗୀୟ ଅଧିକାରୀ ହରଡଘଣାରେ ପଡିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ରାଉରକେଲା ଏଆରସିଏସ୍ ବିକାଶ ସାମଦ ଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିବା ସହିତ ଏ ବିଷୟରେ ଏବେ କିଛି କହିବା ଉଚିତ ହେବ ନାହିଁ ବୋଲି ସେ ମନ୍ତବ୍ୟ ଦେଇଥିଲେ। ସେହିପରି ରାଉରକେଲା ଭିଜିଲାନ୍ସ ଏସ୍‌ପି ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ମଧ୍ୟ କହିଲେ, ଆମ ବିନା ଅନୁମୋଦନରେ ରାଏବଗା ଲ୍ୟାମ୍ପ୍‌ସର ପୂର୍ବତନ ଏମ୍‌ଡି ଲ୍ୟାମ୍ପସରେ ଦୁଇଦିନ ଦାୟିତ୍ୱ ତୁଲାଇବା ଆଇନସମ୍ମତ ନୁହେଁ। ଏଭଳି ଆଦେଶ କିଏ ଦେଲେ ତାହା ଜଣାପଡିନାହିଁ। ଏ ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଆଇନ ଉଲଂଘନ କାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାଣିଗ୍ରାହୀ କହିଛନ୍ତି ।

# ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ-ନକ୍ସଲ ମଧ୍ୟରେ ଗୁଳିବିନିମ: ନକ୍ସଲ ଅମିତ ହାଂସଦା ନିହତ, ଅସ୍ତ୍ରଶସ୍ତ୍ର ଉଦ୍ଧାର



ରାଉରକେଲା,୭/୯(ନି/ପ୍ର): ଆଜି ସକାଳେ ପଶ୍ଚିମ ସିଂହଭୂମି ଜିଲ୍ଲାର ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ନକ୍ସଲ ମଧ୍ୟରେ ଏକ ଭୟଙ୍କର ଏନକାଉଣ୍ଟର ହୋଇଥିଲା। ଏହି ଏନକାଉଣ୍ଟରରେ ସିପିଆଇ ମାଓବାଦୀର ପୁରସ୍କାରପ୍ରାପ୍ତ ନକ୍ସଲ ଅମିତ ହାଂସଦା ଓରଫ ଆପ୍ତନ ନିହତ ହୋଇଛି। ଅମିତ ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଅମିତ ହାଂସଦା ଅନେକ ନକ୍ସଲ ହିଂସାତ୍ମକ ଘଟଣା ଘଟାଇ ପୋଲିସର ରାତି ଅନିଦ୍ରା କରିଥିଲା। ଜିଲ୍ଲାର ବିଭିନ୍ନ ଥାନାରେ ତାଙ୍କ ବିରୁଦ୍ଧରେ ନକ୍ସଲ ହିଂସାତ୍ମକ ଘଟଣା ଘଟାଇବାର ଅନେକ ମାମଲା ରୁଜୁ ହୋଇଛି। ପୋଲିସ ଆପ୍ତନର ହତ୍ୟାକୁ ନିଜର ବଡ଼ ସଫଳତା ବୋଲି ବିବେଚନା କରୁଛି। ଗୋଇଲକେରା ଥାନା ଅଂଚଳର ରେଲାପାରାଲ ଜଙ୍ଗଲ ଏବଂ ପାହାଡ଼ି ଅଂଚଳରେ ଏହି ଏନକାଉଂଟର ହୋଇଥିଲା। ଚୈବସା ଏସପି ରାକେଶ ରଞ୍ଜନ ସୂଚନା ପାଇଥିଲେ ଯେ ନକ୍ସଲମାନେ ଏକ ବଡ଼ ଘଟଣା ଘଟାଇବାକୁ ଯୋଜନା କରୁଛନ୍ତି। ଏହା ପରେ, ସିଆରପିଏଫ୍ ଏବଂ ଝାଡ଼ଖଣ୍ଡ ପୁଲିସ ଏକ ମିଳିତ ଅପରେସନ ଆରମ୍ଭ କରିଥିଲା। ଅପରେସନ ସମୟରେ ସୁରକ୍ଷା ବାହିନୀ ରେଲାପାରାଲ ଅଂଚଳରେ ପହଂଚିବା ପରେ ନକ୍ସଲମାନେ ଗୁଳିଚାଳନା ଆରମ୍ଭ କରିଥିଲେ। ସୈନିକମାନେ ମଧ୍ୟ ଦାୟିତ୍ୱ ଗ୍ରହଣ କରି ପ୍ରତିଶୋଧ ନେଇଥିଲେ। ଏନକାଉଂଟର ସମୟରେ ଚାପ ବୃଦ୍ଧି ପାଉଥିବାରୁ ନକ୍ସଲମାନେ ଘନ ଜଙ୍ଗଲରେ ଆଶ୍ରୟ ନେଇ ପଳାଇ ଯାଇଥିଲେ। ସର୍ଚ୍ଚ ଅପରେସନରେ ସୁରକ୍ଷା ବାହିନୀ ଜଣେ ନକ୍ସଲଙ୍କ ମୃତଦେହ ଉଦ୍ଧାର କରିଥିଲେ, ଯାହାଙ୍କୁ ପୁରସ୍କୃତ ନକ୍ସଲ ଅମିତ ହାଂସଦା ଭାବରେ ଚିହ୍ନଟ କରାଯାଇଛି। ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି। ପଶ୍ଚିମ ସିଂହଭୂମି ଜିଲ୍ଲାର ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ନକ୍ସଲ ମଧ୍ୟରେ ଏକ ଭୟଙ୍କର ଏନକାଉଂଟର ହୋଇଥିଲା। ଏହି ଏନକାଉଂଟରରେ ସିପିଆଇ ମାଓବାଦୀର ପୁରସ୍କାରପ୍ରାପ୍ତ ନକ୍ସଲ ଅମିତ ହାଂସଦା ଓରଫ ଆପ୍ତନ ନିହତ ହୋଇଛି। ଅମିତ ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଅମିତ ହାଂସଦା ଅନେକ ନକ୍ସଲ ହିଂସାତ୍ମକ ଘଟଣା ଘଟାଇ ପୋଲିସର ରାତି ଅନିଦ୍ରା କରିଥିଲା। ଜିଲ୍ଲାର ବିଭିନ୍ନ ଥାନାରେ ତାଙ୍କ ବିରୁଦ୍ଧରେ ନକ୍ସଲ ହିଂସାତ୍ମକ ଘଟଣା ଘଟାଇବାର ଅନେକ ମାମଲା ରୁଜୁ ହୋଇଛି। ପୋଲିସ ଆପ୍ତନର ହତ୍ୟାକୁ ନିଜର ବଡ଼ ସଫଳତା ବୋଲି ବିବେଚନା କରୁଛି। ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୩ ତାରିଖରେ ମଧ୍ୟ ଚାଇବାସା ଜିଲ୍ଲାର ପପି ଜଙ୍ଗଲରେ ପୋଲିସ ଏବଂ ନକ୍ସଲମାନଙ୍କ ମଧ୍ୟରେ ଏକେ ଏନକାଉଂଟର ହୋଇଥିଲା। ସେହି ସମୟରେ ଛତିଶଗଡ଼ର ବାସିନ୍ଦା ଏରିଆ କମାଣ୍ଡର ଅରୁଣ ନିହତ ହୋଇଥିଲେ। ସେଠାରୁ ଏକ ଏସଏଲଆର, କାର୍ଟ୍ରିଜ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇଥିଲା।

# ଆରଏସପି ଦ୍ୱାରା ୨୫୦ ମେଗା ୱାଟ ଗ୍ରୀଡ୍ ଆଇଲ୍ୟାଣ୍ଡିଂ ସିଷ୍ଟମ କାର୍ଯ୍ୟକ୍ଷମ ସହ କାର୍ଯ୍ୟଦକ୍ଷତା ଓ ମୂଲ୍ୟନିପୁଣତାରେ ଉନ୍ନତି



ରାଉରକେଲା,୭/୯(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ବିଦ୍ୟୁତ୍ ବିତରଣ ବିଭାଗ ସେପଟ୍ମେର ୧ ତାରିଖରେ ୨୫୦ ମେଗା ୱାଟ ୟୁନିଟ୍ ଗ୍ରୀଡ୍ ଆଇଲ୍ୟାଣ୍ଡିଂ ସିଷ୍ଟମକୁ ସଫଳତାର ସହ ସିମୁଲେଟ୍ ଏବଂ କାର୍ଯ୍ୟକ୍ଷମ କରିଛି। ଏହି ମାଇଲଖୁଂଟ କାର୍ଯ୍ୟ ଦକ୍ଷତା ଏବଂ ମୂଲ୍ୟ ନିପୁଣତାରେ ବୃଦ୍ଧି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବା ସହ ଅଧିକ ଲାଭଦାୟକତାରେ ମଧ୍ୟ ଯୋଗଦାନ କରିଛି। ଉଲ୍ଲେଖନୀୟ ଯେ, ବିଦ୍ୟୁତ୍ ବିତରଣ ବିଭାଗ ଆରଏସପିର ଶୀର୍ଷ ପ୍ରବନ୍ଧନର ରଣନୈତିକ ମାର୍ଗଦର୍ଶନ ଏବଂ ପ୍ରେରଣାଦାୟୀ ସମର୍ଥନରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ-୧, ପାୱାର ଏବଂ ବ୍ଲୋଇଂ ଷ୍ଟେସନ୍ ଓ ଏନଏସପିସିଏଲ ସହିତ ନିବିଡ ସମନ୍ୱୟ ରଖି ଏହି ଜଟିଳ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସତର୍କତାର ସହିତ ଯୋଜନା ଏବଂ କାର୍ଯ୍ୟକାରୀ କରିଛି। ଏହି ଅବସରରେ ବୋକାରୋ ଷ୍ଟିଲ୍ ପ୍ଲା[ ଏବଂ ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏଥିସହିତ ସଂପୃକ୍ତ ଦଳଙ୍କୁ ଅଭିନନ୍ଦନ ଜଣାଇ ସାମୁଦାୟିକଙ୍କୁ ଆରଏସପିର ବିଜୟ ଧ୍ୱଜାକୁ ସଦା ତରଙ୍ଗାୟିତ କରିବା ସହିତ ଆରଏସପିକୁ ଉନ୍ନତି ପଥରେ ଆଗେଇ ନେବାକୁ ଆହ୍ୱାନ ଦେଇଛନ୍ତି। ସେପଟ୍ମେର ୨ ତାରିଖରେ ଏକ ଗ୍ରୀଡ୍ ବିଭ୍ରାଟ ସମୟରେ ଉକ୍ତ ବ୍ୟବସ୍ଥା ପ୍ରଭାବଶାଳୀ ଭାବରେ ପରୀକ୍ଷିତ ହୋଇଥିଲା। ଏହାର ସଫଳ କାର୍ଯ୍ୟାନ୍ୱୟନ ପରେ, ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ସିପିପି-୨ ବିଭାଗ ର ଦୁଇଟି କମ୍ ଦକ୍ଷତା ବିଶିଷ୍ଟ ୬୦ ମେଗା ୱାଟ ୟୁନିଟ୍ ବନ୍ଦ କରାଯାଇଛି। ଉଲ୍ଲେଖନୀୟ ଯେ, ଏହି ୨୫୦ ମେଗା ୱାଟ ଉତ୍ପାଦନକାରୀ ୟୁନିଟ୍ ନା କେବଳ ଉଚ୍ଚ କାର୍ଯ୍ୟଦକ୍ଷତା ସମ୍ପନ୍ନ ଅଟେ ବରଂ ଏହା ଏକ ଅତ୍ୟାଧୁନିକ ସୁବିଧା ମଧ୍ୟ ରହିଛି । ଏହି ୟୁନିଟ୍ ସର୍ବାଧିକ ଉତ୍ପାଦନ କରିବା ସହିତ ୬୦ ମେଗା ୱାଟ ୟୁନିଟ୍ ଗୁଡିକୁ ନିରବଚ୍ଛିନ୍ନ ସଂରକ୍ଷଣରେ ରଖିବା ଦ୍ୱାରା ବାର୍ଷିକ ବ୍ୟବସାୟ ଯୋଜନା ୨୦୨୫-୨୬ ପରିକଳ୍ପନା ଅଧାରରେ କାରଖାନାର ଲାଭଦାୟକତା ଉପରେ ଏକ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି ।